### ପୁଣି ଲୋଇସିଂହା ବନବିଭାଗ ବିରୋଧରେ ଅନିୟମିତତା ଅଭିଯୋଗ

# ଡିଏଫଓଙ୍କ ଦ୍ୱାରସ୍ଥ ହେଲେ ବନସୁରକ୍ଷା ସମିତି ସଭାପତି

**ବଲାଙ୍ଗିର, ୨୦।୪(ସମିସ)**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ରେଞ୍ଜ ସଲେଭଟା ସେକ୍ସନ ଅଧୀନ ବଙ୍ଗାବାହାଲରେ ବନୀକରଣ କାମରେ ଅନିୟମିତତା ହୋଇଥିବା ନେଇ କିଛି ଦିନତଳେ ଅଭିଯୋଗ ହୋଇଥିଲା। ଏହିଭଳି କିଛି ଅଭିଯୋଗ ସାମ୍ନାକୁ ଆଣିଥିଲା ସ୍ଥାନୀୟ ଗ୍ରାମ୍ୟ ବନସୁରକ୍ଷା ସମିତି। ଏହି ଘଟଣାରେ ତଦନ୍ତ ଆରମ୍ଭ ହୋଇଥିବାବେଳେ ଏହାକୁ ଚାପିବାକୁ ଉଦ୍ୟମ ଚାଲିଛି। ଏହାରି ଭିତରେ ପୁଣି ଏହି ସେକ୍ସନ ଅଧୀନ ନେଗିପାଲିରେ ପୁନଃ ବନୀକରଣ ଯୋଜନା(ଏଏନ୍ଆର)ରେ ମିଥ୍ୟା ବିଲ୍ କରି ଅନୁଦାନ ଆତ୍ମସାତ କରାଯାଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବନ ସୁରକ୍ଷା ସମିତି ସଭାପତି ହେମରାମ ମହାକୁର। ଏନେଇ ସେ ଡିଏଫ୍ଓ ସୁଦର୍ଶନ ବେହେରାଙ୍କ ନିକଟରେ ଫେରାଦ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ୨୦୨୧-୨୨ ଆର୍ଥିକ ବର୍ଷରେ ନେଗିପାଲି ସଂରକ୍ଷିତ ଜଙ୍ଗଲରେ ୫୦ହେକ୍ଟର ଅଞ୍ଚଳରେ ପୁନଃ ଚାରାରୋପଣ କରାଯାଇଛି। ନେଗିପାଲି ବନ ସୁରକ୍ଷା ସମିତିର ୧୬ ଜଣିଆ ସଦସ୍ୟ ଏହି ପ୍ରକଳ୍ପ ଦେଖରେଖ ଦାୟିତ୍ୱରେ ରହିଛନ୍ତି। ପୁଣି ଅକ୍ଟୋବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପୁନଃ ବନୀକରଣରେ ପାଣି ଦେବା, ଅବଶିଷ୍ଟ ଗଛଗୁଡ଼ିକର ସୁରକ୍ଷା ପାଇଁ ଘାସ ସଫେଇ ଓ ଜଙ୍ଗଲ ନିଆଁରୁ ସୁରକ୍ଷା ଦେବା ଭଳି କାମ ପାଇଁ ଆମ ଜଙ୍ଗଲ ଯୋଜନାରେ ଅନୁଦାନ ଆସିଥିବା ଜଣାପଡ଼ିଛି। ହେଲେ ବିନା କାମରେ ବନ ସୁରକ୍ଷା ସମିତିକୁ ଅଣଦେଖା କରି ବକଟି ଅଞ୍ଚଳର ଶ୍ରମିକଙ୍କ ନାମରେ ପାଣିଦେବା




ବାବଦକୁ ୮୦ ହଜାର ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ଶ୍ରମିକଙ୍କ ପାଉଣା ପ୍ରଦାନ ବାବଦକୁ ଚେକ୍ ବ୍ୟବହାର ନ କରି ଚତୁରତା ସହ କମ୍ପ୍ୟୁଟର ବିଲ୍‌ରେ ଶ୍ରମିକଙ୍କ ହସ୍ତାକ୍ଷର ନିଆଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହିଭଳି ବେଆଇନ କାମ କରୁଥିବା ଫରେଷ୍ଟ ଗାର୍ଡ ସଞ୍ଜୀବ ନାୟକଙ୍କୁ ଏନେଇ ବନସୁରକ୍ଷା ସମିତି ପକ୍ଷରୁ ପ୍ରତିବାଦ କଲେ ସେ କିଛି ଶୁଣି ନ ଥିବାବେଳେ କୁଆଡେ ରେଞ୍ଜ ଅଫିସରଙ୍କ ନିର୍ଦ୍ଦେଶରେ ସେ ଏହି କାମ କରିଥିବା ଶ୍ରୀ ମହାକୁର ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ସ୍ଥାନୀୟ ବନ ଅଧିକାରୀମାନେ ଅସ୍ୱୀକାର କରିଥିବା ବେଳେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏଫଓ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ମହାକୁର କହିଛନ୍ତି। ଅପରପକ୍ଷେ ଚଳିତ ମାସ ପ୍ରଥମ ସପ୍ତାହରେ ବଙ୍ଗାବାହଲ ବନ ସୁରକ୍ଷା ସମିତି ପକ୍ଷରୁ କାମ୍ପା ଯୋଜନାରେ ବନୀକରଣ ଅନିୟମିତତା ଅଭିଯୋଗ ହୋଇଥିଲା। ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ ଏହି କାରବାରରେ ମଧ ସମ୍ପୃକ୍ତ ଫରେଷ୍ଟ ଗାର୍ଡଙ୍କ କାର୍ଯ୍ୟକଳାପ ବିବାଦୀୟ ରହିଛି। ତେବେ ଏହି ଫରେଷ୍ଟ ସେକ୍ସନରେ ଗତ କିଛି ମାସ ହେଲା ଅରାଜକତା ଦେଖିବାକୁ ମିଳିଛି। ପ୍ରାୟ ଦୁଇ ମାସ ତଳେ ଏହି ସେକ୍ସନ ଦାୟିତ୍ୱରେ ଥିବା ଫରେଷ୍ଟର ଅଶୋକ ନାୟକ ଓ ରେଞ୍ଜ ଅଫିସର ପାଉଲ୍ ହରପାଲଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରିକି ମାମଲା ଥାନା ପର୍ଯ୍ୟନ୍ତ ପହଞ୍ଚିଥିଲା। ବିଭାଗ ପକ୍ଷରୁ ଫରେଷ୍ଟରଙ୍କୁ ନିଲମ୍ବିତ କରାଯାଇଥିଲା ସତ୍ କିନ୍ତୁ ଗଣ୍ଡଗୋଳର ସତ ସାମ୍ନାକୁ ଆସି ନ ଥିଲା। ବର୍ତ୍ତମାନ ଏହା ଧୀରେ ଧୀରେ ସ୍ପଷ୍ଟ ହେଉଥିବା ବନ ବିଭାଗରେ ଚର୍ଚ୍ଚା ଆରମ୍ଭ ହୋଇଛି। କିଛି ଏହିଭଳି କାରବାର ଯୋଗୁଁ ଫରେଷ୍ଟ ଗାର୍ଡ ସଞ୍ଜୀବ ନାୟକ ଓ ତତ୍କାଳୀନ ଫରେଷ୍ଟର ଅଶୋକ ନାୟକଙ୍କ ମଧ୍ୟରେ ତିକ୍ତତା ରହିଥିଲା। ସଞ୍ଜୀବଙ୍କୁ ବଦଳି କରିବାକୁ ତତ୍କାଳୀନ ଫରେଷ୍ଟର ବିଭାଗକୁ ଜଣାଇଥିଲେ। କିନ୍ତୁ ସଞ୍ଜୀବଙ୍କ ଜରିଆରେ ଶ୍ରୀ ହରପାଲ ବିଭିନ୍ନ ଅନିୟମିତତା କାମ କରୁଥିଲେ। ଯାହାକୁ ନେଇ ଶ୍ରୀ ନାୟକଙ୍କ ସହ ହରପାଲଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥାଇପାରେ ବୋଲି ଏବେ ଚର୍ଚ୍ଚା ହେଉଛି। ତେବେ ଏହିଭଳି ଅନିୟମିତତାକୁ ଗୁରୁତର ସହ ନେଇ ତଦନ୍ତ କଲେ ନିଶ୍ଚିତ ଅନେକ ଦୁର୍ନୀତି ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

### ପାଟଣାଗଡ଼ ବିଧାୟକଙ୍କ ମାରାଥନ ପ୍ରଚାର

# ୨୦୦ ଗୌନ୍ତିଆଙ୍କ ବିଜେଡିରେ ଯୋଗଦାନ



**ପାଟଣାଗଡ଼, ୨୦।୪(ସମିସ):** ପାଟଣାଗଡ଼ ବିଧାୟକ ସରୋଜ ମେହେର ବିଭିନ୍ନ ଅଞ୍ଚଳ ଗସ୍ତ କରି ମାରାଥନ ପ୍ରଚାର କରିଛନ୍ତି। ପ୍ରଥମେ ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟରେ ପାଟଣାଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ସମବାୟ ସମିତିର ସଭାପତି, ଉପସଭାପତି ଓ ନିର୍ଦ୍ଦେଶକଙ୍କୁ ଡାକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ଚାଷୀ ମାନଙ୍କ ପାଇଁ ବିକାଶ ମୂଳକ କାର୍ଯ୍ୟ ବିଷୟରେ କହିଥିଲେ। ପରେ ଘସିଏନ ଠାରେ ଅନୁଷ୍ଠିତ ମିଶ୍ରଣ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ସରୋଜ ମେହେର ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ ପାଟଣାଗଡ଼, ବେଲପଡ଼ା, ଖପ୍ରାଖୋଲ ବ୍ଲକର ବିଭିନ୍ନ ଗ୍ରାମର ୨୦୦ ଜଣ ଗୌନ୍ତିଆ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ବିଜେଡି ଦଳରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। ପରେ ବେଲପଡ଼ା ବ୍ଲକ ଧୂମାଭଟା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ମାରାଥନ ପ୍ରଚାର କରିଛନ୍ତି ବିଧାୟକ ଶ୍ରୀ ମେହେର।

# ବିଜେଡିରେ ମିଶିଲେ କଂଗ୍ରେସ ଓ ବିଜେପି କର୍ମୀ

**ସଇଁତଳା, ୨୦।୪(ସମିସ):** ସଇଁତଳା ବ୍ଲକ ଅଧୀନ ଟିକ୍ରାପଡ଼ା, ଜୁରାବନ୍ଧ ଓ ଝିକିଡୁଗୁରିରୁ ଦୁଇଶହ ରୁ ଅଧିକ ବିଜେପି ଓ କଂଗ୍ରେସର କର୍ମୀମାନେ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବଜରଙ୍ଗଲାଲ ଜୈନଙ୍କ ନେତୃତ୍ୱରେ ବଲାଙ୍ଗିର ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କ ବିଜେଡି ଭବନରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏହି ଅବସରରେ ହୃଦା ରାଜପଲିଆ, ଅରବିନ୍ଦ, ହେମନ୍ତ ବେହେରା, ନେହରୁ ବୁଡେକ, ନରେନ୍ଦ୍ର କଲେତ, ଅଭିରାମ ନାଗ, ରୂପଧର ରଣା, ନରେନ୍ଦ୍ର ନନ୍ଦ, କୁନାଲ ଛତ୍ରିଆ ଓ ସୁଶୀଲ ମହାକୁର ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ବିଜୁଜନତା ଦଳରେ ସାମିଲ ହୋଇଥିଲେ। ବିଜେଡି ସୁପ୍ରିମୋ ନବୀନ



ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିକାଶର କାମରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ୍ ହୋଇଥିବା ମତବ୍ୟକ୍ତ କରିଛନ୍ତି। ବିଜେଡ଼ିକୁ ଆହୁରି ମଜଭୁତ କରିବା ପାଇଁ ସମସ୍ତେ ଆଜି ବିଜେଡିରେ ମିଶିଛନ୍ତି। ସୁରନ୍ଦ୍ର ସିଂଭୋଇ ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇଛନ୍ତି।

# 'ବିରାଟ' ମୁଗ ବିହନରୁ ଅଧିକ ଲାଭ




**ବଲାଙ୍ଗିର, ୨୦।୪(ସମିସ):** ବଲାଙ୍ଗିର ଜିଲ୍ଲାରେ ୧ ଲକ୍ଷ ୩୬ ହଜାର ହେକ୍ଟର ଜମିରେ ଧାନଚାଷ ପରବର୍ତ୍ତୀ ସମୟର ପଡ଼ିଆ ପଡ଼ିବା ସହିତ ବିଭିନ୍ନ ଡାଲି ଜାତୀୟ ଫସଲ କରିବା ପାଇଁ ଆର୍ଦ୍ରତା ମଧ ରହିଥାଏ। ଆନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥା ଦ୍ୱାରା ହେଉଥିବା ସାଟେଲାଇଟ ସର୍ଭେରୁ ଉପରୋକ୍ତ ତଥ୍ୟରୁ ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରବିଋତୁରେ ୨୭ ହଜାର ୮୫୦ ହେକ୍ଟର ଜମିରେ ଡାଲି ଓ ତୈଳବୀଜ ଜାତୀୟ ଫସଲ ଧାନର ପରବର୍ତ୍ତୀ ପଡ଼ିଆ ଜମିର ବିସ୍ତୃତ ପରିଚାଳନା ଯୋଜନାରେ ହାତକୁ ନିଆଯାଇଛି। ଏହି ଯୋଜନାରେ ୧୩ ହଜାର ୮୮୫ ହେକ୍ଟର ଜମିରେ ମୁଗଚାଷକୁ ପ୍ରାଧାନ୍ୟ ଦିଆଯାଉଛି। ଚାଷୀଙ୍କ ଆବଶ୍ୟକତା ମୁଗର ଏକ ନୂତନ କିସମ 'ବିରାଟ', ଯାହା ୬୦ ରୁ ୬୫ ଦିନ ମଧ୍ୟରେ ଅମଳ ହୋଇପାରିବା ସହିତ ହେକ୍ଟର ପିଛା ୮ ରୁ ୧୦ କ୍ୱିଣ୍ଟାଲ ଉତ୍ପାଦନ କ୍ଷମତା ଧାରଣ କରୁଛି ବୋଲି ଆଇକାଡାର ବଲାଙ୍ଗିର ଜିଲ୍ଲା ସଂଯୋଜକ ବିଜୟ କୁମାର ଶତପଥୀ ସୂଚନା ଦେଇଛନ୍ତି। କୃଷି ବିଭାଗ, ଇରି ଓ ଆଇକାଡାର ମିଳିତ କ୍ଷେତ୍ର ପରିଦର୍ଶନରେ ଏହି କିସମ ବିହନକୁ ନେଇ ଚାଷୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ କରାଯାଉଛି। ଜିଲ୍ଲାର କୃଷି ଜଳବାୟୁରେ ଏହାର ପ୍ରଦର୍ଶନ ଆଶାନୁରୂପ ରହିଥିବା ଜଣାଯାଇଛି। ଏହି ବିହନକୁ ନେଇ ପ୍ରଥମ ଥର ଚାଷ କରିଥିବା ମୁଗଚାଷୀ ତୁଷୁରାବାହାଲ ନିବାସୀ ଯୁଗେଶ୍ୱର୍ ଭୋଇଙ୍କ କହିବା ମୁତାବକ, ବିରାଟ କିସମ ମୁଗ ସାମାନ୍ୟ ଜଳସେଚନ ଓ ଉପଯୁକ୍ତ କୃଷି ପ୍ରଣାଳୀ ଦ୍ୱାରା ହେକ୍ଟର ପିଛା ୮ ରୁ ୧୦ କ୍ୱିଣ୍ଟାଲ ଅମଳ କରାଯାଇ ପାରିବ। ବଲାଙ୍ଗିର ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲଙ୍କ କହିବା ଅନୁଯାୟୀ ଏହି ମୁଗ ଫସଲ କମ ଦିନରେ ସ୍ୱଳ୍ପଖର୍ଚ୍ଚ ଓ କମ୍ ପାଣିରେ ଅଧିକ ଉତ୍ପାଦନ କରି ଚାଷୀମାନେ ନିଜ ଆୟକୁ ବହୁଗୁଣିତ କରିପାରିବେ। ତା' ଛଡ଼ା ଡାଲିଜାତୀୟ ଫସଲ ଦ୍ୱାରା ମୃତ୍ତିକାର ଉର୍ବରତା ମଧ ହ୍ରାସ ପାଇ ନ ଥାଏ। ବଜାରରେ ଡାଲିର ଚାହିଦା ଥିବାରୁ ମୁଗର ବିକ୍ରି ସମସ୍ୟା ମଧନାହିଁ। ଏଣୁ ନିଜ ଚାଷ ଜମିରେ ଡାଲି ଜାତୀୟ ଫସଲ ଅଧିକ ମାତ୍ରାରେ କରିବା ପାଇଁ କୃଷି ବିଭାଗ ତରଫରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି।

### ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

# ବିଜେଡି ପୁଣି କ୍ଷମତାକୁ ଆସିଲେ ବିକାଶଧାରା ଦ୍ୱିଗୁଣିତ ହେବ

**ଦେଓଗାଁ, ୨୦।୪ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଗରପାଲି ଛକରେ ବିଜେଡି ଦଳର କାର୍ଯ୍ୟାଳୟ ଉଦ୍‌ଘାଟନ ସହ କଲୋନୀପଡ଼ା ନିକଟରେ କର୍ମି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଜେଡି ରାଜ୍ୟ ସମ୍ପାଦକ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓ ଓ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଯୋଗଦେଇ ପ୍ରଥମେ କୁତୁର୍ଲା ପଞ୍ଚାୟତର ସାରସବାହାଲ, କୁତୁର୍ଲା ଓ ମୁରସିଂ ଗାଁ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରି ଭୋଟଭିକ୍ଷା କରିଥିଲେ। ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଥିବାରୁ ଏହି ଜିଲ୍ଲାର ସାମଗ୍ରୀକ ବିକାଶ ଉପରେ ବିରାଟ ପରିବର୍ତ୍ତନ ହେବ। ପରେ ସାଗରପାଲି ଛକଠାରେ ବିଜେଡିର ଅସ୍ଥାୟୀ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବାପରେ ସ୍ଥାନୀୟ କଲୋନୀପଡ଼ା ଠାରେ କର୍ମି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ସିଂଦେଓ, ସାଂସଦ ପ୍ରାର୍ଥୀ ସିଂ ଭୋଇ ସମେତ ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂ ଦେଓ, ଯୁବନେତା ଅର୍କେଶ ନାରାୟଣ ସିଂ ଦେଓ, ମନ୍ମଥ ବିଜୟ ସିଂ ଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦ, ଜିଲ୍ଲା ସମ୍ପାଦକ ଉମା ଶଙ୍କର ସିଂ, ଜିଲ୍ଲା ପରିଷଦ ସଭ୍ୟା




ସୁମତି ସେଠ, ମମତା କୁମୁରା, ଦେଓଗାଁ ସରପଞ୍ଚ ନୀନା ଛତ୍ରିଆ ପ୍ରମୁଖ ମଞ୍ଚାସିନ ଥିଲେ। ନବୀନ ସରକାର ପୁଣି କ୍ଷମତାକୁ ଆସିଲେ ବିକାଶ ଧାରା ଦ୍ୱିଗୁଣିତ ହେବା ସୁନିଶ୍ଚିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବଲାଙ୍ଗିର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ଉଭୟ ବିଧାୟକ ଓ ଏମ୍‌ପି ଦୁଇଟି ଭୋଟ ବିଜେଡି ସପକ୍ଷରେ ଦେବାପାଇଁ ଆହ୍ୱାନ କରିବାସହ ସମସ୍ତ କର୍ମକର୍ତ୍ତା ଗ୍ରାମାଞ୍ଚଳରେ ଲୋକଙ୍କୁ ସରକାରଙ୍କ ଜନହୀତକର ଯୋଜନା ବିଷୟରେ ଅବଗତ କରିଥିଲେ। ଏ ଅବସରରେ ସାଂସଦ ପ୍ରାର୍ଥୀ ସିଂ ଭୋଇ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଆଦର୍ଶତାରେ ଅନୁପ୍ରାଣିତ ହୋଇ ଅଞ୍ଚଳର ବିକାଶ ପାଇଁ ସେ ଆଗେଇ ଆସିଥିବା ପ୍ରକାଶ କରିବାସହ ସାଂସଦ ଭାବେ ବିଜୟୀ ହେଲେ ଦେଓଗାଁ ଅଞ୍ଚଳର ପ୍ରମୁଖ ଦାବି ରେଳଷ୍ଟେସନରେ ଏକ୍ସପ୍ରେସ ଟ୍ରେନ ରହିବା ଦିଗରେ ପ୍ରାଥମିକତା ଭାବେ କାମ କରିବି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶୈଳେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ମହଲାଇର ମୋତିଲାଲ ମାଝୀ, ହାତିସରାର ବଂଶୀଧର ରାଉତ, ମୁକୁନ୍ଦପୁରର ଆହାଲ୍ଲାଦ ସ୍ୱାଇଁ ସମେତ ୨୦ରୁ ଉର୍ଦ୍ଧ୍ୱ ବିଜେଡିରେ ଯୋଗଦେଇଥିଲେ। ସରପଞ୍ଚ ତେଜ ହରପାଲ, ବିଜେଡି ନେତ୍ରୀ ଜାନକୀ ମେହେର, ଯୁବନେତା ବୁଦ୍ଧଦେବ ପରୁଆ, ଡମ୍ବରୁଧର ହରପାଲ, ଅନ୍ତର୍ଯ୍ୟାମୀ ଭୋଇ, ରାଜ ପ୍ରତାପ ସିଂ ଦେଓ, ପିନୁ ଚାନ୍ଦ, ସଞ୍ଜୀବ ନାଥ, ପ୍ରମୋଦ ବହିଦାର, ସଞ୍ଜୀବ ପଧାନ, ଟୁନା ଚାନ୍ଦ, ରିତୁ ବୁଡେକ, କିର୍ତ୍ତି ବାଗ, ଦୀପକ ପଣ୍ଡା, ବିରେନ ଦଲାଇ, ଜଗ ଦଲାଇ, ସୁଦାମ ବାଗ ପ୍ରମୁଖ ସହଯୋଗ କରିଥିବା ବେଳେ ୨୬ଟି ପଞ୍ଚାୟତରୁ ଶତାଧିକ କର୍ମୀ ଯୋଗଦେଇ ଥିଲେ।

# ବିଜେପି ପ୍ରାର୍ଥୀଙ୍କୁ ବିରୋଧ

**ସଇଁତଳା, ୨୦।୪(ସମିସ):** ଦିନ କୁ ଦିନ ଟିଟିଲାଗଡ଼ ରାଜନୀତି ସରଗରମ ହେବାରେ ଲାଗିଥିବା ବେଳେ ପ୍ରାର୍ଥୀଙ୍କ ମଧ୍ୟରେ କସରତ ଆରମ୍ଭ ହୋଇଯାଇଛି। ଟିଟିଲାଗଡ଼ ବିଜେପି ପ୍ରାର୍ଥୀ ନବୀନ ଜୈନ ନିଜ ସମର୍ଥକ ମାନଙ୍କ ସହ ସଇଁତଳାର ବିଭିନ୍ନ ଗାଁକୁ ପ୍ରଚାର ପ୍ରସାର କରିବା ପାଇଁ ଯାଉଥିବାବେଳେ ସେ ଲୋକଙ୍କ ବିରୋଧର ଶିକାର ହୋଇଛନ୍ତି। ଯେତେବେଳେ ଶ୍ରୀ ଜୈନ ବିଜେପି ପାଇଁ ଭୋଟ ଭିକ୍ଷା କରିବା ପାଇଁ ସଇଁତଳା ସ୍ଥିତ ଲାଟୁଟ କୁ ଯାଇ ଗାଁ ପରିକ୍ରମା କରିଥିଲେ ସେତେବେଳେ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ରାଜ୍ୟ ସରକାର ସଧାରଣ ଲୋକଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ମିଶନ ଶକ୍ତି ଓ ଲକ୍ଷ୍ମୀ ବସ୍ ଭଳି ସୁବିଧା ଯୋଗାଇ ଦେଉଛନ୍ତି ତେଣୁ ଆମେ ନବୀନ ପଟ୍ଟନାୟକକୁ ଭୋଟ ଦେବୁ ବୋଲି ଗ୍ରାମବାସୀ କହିଥିଲେ।



# ବଲାଙ୍ଗିର ରାମଲୀଳା ଆଦ୍ୟକାଣ୍ଡ; ରାମଙ୍କ ମିଥିଳା ଗମନ

**ବଲାଙ୍ଗୀର, ୨୦।୪(ସମିସ):** ବଲାଙ୍ଗିର ଜଗନ୍ନାଥପଡ଼ା ରାମଜୀ ନାଟ୍ୟ ସଂସଦର ପ୍ରଥମ ଦିବସରେ ରାମଲୀଳାରେ ବିଶ୍ୱାମିତ୍ର ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନେଇ ଯଜ୍ଞ ରକ୍ଷା ନିମନ୍ତେ ଦଶରଥଙ୍କ ଠାରୁ ନେଇ ତାଡକା ବଧ, ମାରୀଚ ସୁବାହୁ ସହିତ ଯୁଦ୍ଧ, ଅହଲ୍ୟା ତାରଣ ସହିତ ଗଙ୍ଗାନଦୀ ପାରି କରି ମିଥିଳାରେ ପ୍ରବେଶ ମଞ୍ଚସ୍ଥ ହୋଇଥିଲା। ବାଳମକୁନ୍ଦ ବେହେରା କଣ୍ଠରେ ସଦାଶିବ ରଚିତ ରାମଲୀଳା ଗାୟନ କରୁଥିବା ବେଳେ କଣ୍ଠଶିଳ୍ପୀ ଶ୍ରୀୟା ପଟେଲ ବିଭିନ୍ନ ଗୀତ ପରିବେଷଣ କରିଛନ୍ତି। ରାମ ଭୂମିକାରେ ଶୈଳିନ ବାବୁ, ସୀତା ଭୂମିକାରେ ମାନସ ସାହୁ, ଲକ୍ଷ୍ମଣ ଭୂମିକାରେ ଆନନ୍ଦ ମିଶ୍ର, ଶିବ ଭୂମିକାରେ



ରୁଦ୍ରନାରାୟଣ ପଟେଲ, ପାର୍ବତୀ ଶ୍ରୀତମ ପଟେଲ, ବ୍ରହ୍ମା ଶଙ୍କର୍ଷଣ ସାଏ, ବଶିଷ୍ଠ ସୁବ୍ରତ ପଟ୍ଟନାୟକ, ଦଶରଥ କୁମୁଦ ରଞ୍ଜନ ନାଏକ, ବଶିଷ୍ଟ ଅରୁଣ ରାଉତ, କୌ÷ଶଲ୍ୟା ନରେନ୍ଦ୍ର ନିଆଲ, କୈକେୟୀ ଚୈତନ୍ୟ ମଟାରୀ, ସୁମିତ୍ରା କ୍ଷେତ୍ରମଣି ବନଛୋର, ତାଡକି ଆସୁରଣି ଘନଶ୍ୟାମ ସାଏ, ସବାହୁ / ସୁମନ୍ତ ଘୁଣ୍ଡୁଗୋପାଳ ମିଶ୍ର, ମାରୀଚ/ ଦୂତ ବିଜୁ ନାଏକ, ବିଭିନ୍ନ ଋଷି ରାକେଶ ଓ ସତ୍ୟ ଚୋପଦାର, ନାଉରୀ ସୁବାସ ସାଏ ଓ ସାରଥୀ ପଟେଲ, ଅହଲ୍ୟା / ସଖୀ ଦୁଷ୍ମନ୍ତ ପଟେଲ, ସଖି ରାମ ପ୍ରସାଦ, କୁଳଦୀପ ଥିଲେ। ଶନିବାର ଦ୍ୱିତୀୟ ଦିନରେ ସୀତା ବିବାହ ସହିତ ପର୍ଶୁରାମ ଭେଟ ହେବାର କାର୍ଯ୍ୟ ମଞ୍ଚସ୍ଥ ହେବ।

# ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ



**ବଲାଙ୍ଗିର, ୨୦।୪(ସମିସ):** ଦେଓଗାଁ ବ୍ଲକ ଅଧୀନ ଉପରଝର ଗ୍ରାମରେ ଷୋହଳପ୍ରହର ନାମ ଯଜ୍ଞର ଆଜି ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଆସନ୍ତା ଏପ୍ରିଲ୍ ୨୮, ୨୯ ଦୁଇ ଦିନ ଧରି ହେବାକୁ ଥିବା ନାମଯଜ୍ଞର କର୍ତ୍ତା ଲଳିତ ମୋହନ ସାହୁ ଓ ତାଙ୍କ ପତ୍ନୀ ସୌଦାମୀନି ସାହୁ ଦାୟିତ୍ୱ ନିର୍ବାହ କରୁଥିବା ବେଳେ କୁଞ୍ଜବିହାରୀ ମିଶ୍ର ପୂଜକ ଦାୟିତ୍ୱ ତୁଲାଉଛନ୍ତି। ଭବାନୀଶଙ୍କର ଯୁଆଳି, ସାନନ୍ଦ ସେଟ୍, ସୁନିଲ ସାହୁ, ସୌମ୍ୟ ରଞ୍ଜନ ମିଶ୍ର, କୁଶ ବିଶ୍ୱାଳ, କୁଶୁଲେ ମହାକୁର, ରବୀନ୍ଦ୍ର ରଣା ପ୍ରମୁଖ କାର୍ଯ୍ୟ ତୁଲାଉଥିବା ବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି।

### ଜମିକୁ ମିଳୁ ଲୋୟର ସୁକତେଲ ପାଣି

# ଜିଲ୍ଲାପାଳଙ୍କୁ ଭେଟିଲେ ମିଳିତ କୃଷକ ସଂଘର୍ଷ ସମିତି

**ବଲାଙ୍ଗିର, ୨୦।୪(ସମିସ)**

ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳଙ୍କୁ ଭେଟିଲା ମିଳିତ କୃଷକ ସଂଘର୍ଷ ସମିତି। ଏହି ବୃହତ ଜଳସେଚନ ପ୍ରକଳ୍ପରୁ ବଲାଙ୍ଗିର ସହ ପାଖ ଜିଲ୍ଲା ସୋନପୁରକୁ ପାଣି ଯିବ। ପାଇପ ଯୋଗେ ହେବାକୁ ଥିବା ଏହି ପ୍ରକଳ୍ପ ଆଗଲପୁର ଓ ଲୋଇସିଂହାର ୧୦ ପଞ୍ଚାୟତ ଦେଇ ଯାଉଥିବା ସତ୍ତ୍ୱେ ସମ୍ପୃକ୍ତ ପଞ୍ଚାୟତକୁ ଜଳସେଚନ କରା ନ ଯିବାକୁ ନେଇ ଚାଷୀମାନେ ଅସନ୍ତୋଷ ଜାହିର କରିଛନ୍ତି। ଏନେଇ ପୂର୍ବରୁ ଆନ୍ଦୋଳନ କରିଥିବାବେଳେ କୌଣସି ସୁଫଳ ମିଳିନାହିଁ। ତେବେ ଶନିବାର ଜିଲ୍ଲାପାଳଙ୍କୁ ଏନେଇ ଅଭିଯୋଗ ଜଣାଇବା ସହ ସମାଧାନ ନ ହେଲେ ନିର୍ବାଚନ ସମୟରେ ଚରମ ନିଷ୍ପତ୍ତି ନେବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାର ବୃହତ ଜଳସେଚନ ପ୍ରକଳ୍ପ ଲୋୟର ସୁକତେଲ କିଛି ମାସ ପୂର୍ବରୁ ଉଦ୍‌ଘାଟନ ହୋଇଥିଲା। ଏହି ପ୍ରକଳ୍ପରୁ ପ୍ରେସରାଇଜ ପାଇପ ଜଳସେଚନ କାମ ଚାଲୁଥିବା ବେଳେ ଲୋଇସିଂହା ଓ ଆଗଲପୁର ବ୍ଲକର ୧୦



ପଞ୍ଚାୟତ ପାଣିରୁ ବଞ୍ଚିତ ହେଉଥିବାରୁ ସେମାନେ ଅସନ୍ତୋଷ ଜାହିର କରିଛନ୍ତି। ଲୋଇସିଂହା ବ୍ଲକର ବୁଢିପଦର, ବୁର୍ଡା, ଯୋଗୀସର୍ଡ଼ା, ବାଦିବାହାଲ, ହୀରାପୁର, ଆଗଲପୁର ବ୍ଲକର ବେନ୍ଦ୍ରା, ନଅ ଗାଁ (ଖ), ବଡଟିକା, ଝରନିପାଲି ଓ ନୁନିଆପାଲି ପଞ୍ଚାୟତ ଦେଇ ଏହି ଜଳସେଚନ ପ୍ରକଳ୍ପ ପାଇପ ପୋତା ଯିବାକୁ ନିଷ୍ପତ୍ତି ହୋଇଛି। ଅଥଚ ଏହି ପଞ୍ଚାୟତର ଚାଷୀମାନଙ୍କ ଜମିକୁ ପାଣି ର ବ୍ୟବସ୍ଥା ହୋଇନାହିଁ। ଯାହାଫଳରେ ଏହି ୧୦ ପଞ୍ଚାୟତର ପ୍ରାୟ ଦୁଇରୁ ତିନିଶହ ହେକ୍ଟର ଜମି ଓ ୩୦ ହଜାରରୁ ଚାଷୀ ପ୍ରଭାବିତ ହେବେ। ଏହି ସମସ୍ୟାକୁ ନେଇ ଗତ ବର୍ଷେ ହେଲା ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ଆନ୍ଦୋଳନ କରାଯାଉଛି। ଗତ ଫେବୃୟାରୀ ୨୮ ତାରିଖରେ ଏହାକୁ ନେଇ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ପ୍ରଶାସନ ପକ୍ଷରୁ ସାତ ଦିନ ଭିତରେ ସମାଧାନ ପାଇଁ ଆଲୋଚନା କରାଯିବ ବୋଲି ଚାଷୀ ମାନଙ୍କୁ ପ୍ରତିଶ୍ରୁତି ଦିଆ ଯାଇଥିଲା କିନ୍ତୁ ତାହା ପୂରଣ ହୋଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଶନିବାର ଏନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଆଗାମୀ ଦିନରେ ସମାଧାନ ନ ହେଲେ ବାଧ୍ୟ ହୋଇ ସେମାନେ ନିର୍ବାଚନ ରେ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଶ୍ୟାମସୁନ୍ଦର ବିଶ୍ୱାଳ, କଳାର ସିଂ ବାଗ, ବିଜୁଳି ପଧାନ, ଖ୍ୟାମନିଧି ଦଳପତି, କୃଷ୍ଣଚନ୍ଦ୍ର ସାହୁ, ସୁଧାଂଶୁ ସାହୁ, ଯୁଧିଷ୍ଠିର ପଧାନ, ବିଦ୍ୟୁତ୍ ରଞ୍ଜନ ପଧାନ, ଶେଷଦେବ ପଧାନ, ରାଧାନାଥ ବିଶ୍ୱାଳ, ଜୟବିହାରୀ ପଧାନ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ।

# କର୍ଲାମୁଣ୍ଡାରେ ବିଜେଡି କର୍ମୀ ସମ୍ମିଳନୀ

**କର୍ଲାମୁଣ୍ଡା, ୨୦।୪ (ସମିସ):** ନର୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କର୍ଲାମୁଣ୍ଡା ଠାରେ ବିଜେଡ଼ିର ସମ୍ବର୍ଦ୍ଧନା ସଭା ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ଟିକେଲାଲ ସାହୁ, ନର୍ଲା ବିଜେଡ଼ି ବିଧାୟକ ପ୍ରାର୍ଥିନୀ ମନୋରମା ମହାନ୍ତି, କର୍ଲାମୁଣ୍ଡା ବ୍ଲକ ମହିଳା ସଭାନେତ୍ରୀ ରିତୁରାଣୀ ନାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀନିବାସ ମିଶ୍ର, ବରିଷ୍ଠ ବିଜେଡି ନେତା ଗୌର ରଣା, ବିକାଶ ସିଂଦେଓ, ଶିବଲାଲ କେଡିଆ, ନର୍ଲା ଜିଲ୍ଲା ପରିଷଦ ସଦସ୍ୟ ନମ୍ରତା ସାହୁ, ରିଷିଡା ସରପଞ୍ଚ ସେବତୀ ରଣା, ବିଜୁ ଯୁବ ଜନତାଦଳ କଳାହାଣ୍ଡି ଜିଲ୍ଲା ସମ୍ପାଦକ ନନ୍ଦିକିଶୋର ଭୋଇ, ଜିଲ୍ଲା ଛାତ୍ର ସମ୍ପାଦକ ପ୍ରଦୀପ କୁମାର ସାହୁ, କର୍ଲାମୁଣ୍ଡା ବ୍ଲକ ଛାତ୍ର ସଭାପତି ସଲିମ ସେଖର ରଣା, କର୍ଲାମୁଣ୍ଡା ବ୍ଲକ ଯୁବ ବିଜେଡ଼ି ସଭାପତି ସଙ୍ଗୀତ ଭୋଇ, ବ୍ଲକ ସଂଖ୍ୟାଲଘୁ ସଭାପତି ଯାକୁବ କୁମାର, ନର୍ଲା ନିର୍ବାଚନମଣ୍ଡଳୀ ଛାତ୍ର ବିଜେଡି ସଭାପତି ଦେବେନ୍ଦ୍ର କୁମାର, ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ୧୨ଗୋଟି ପଞ୍ଚାୟତର ସଭାପତି ସ୍ୱାଗତ ଭୋଇ, ନାରାୟଣ ରଣା, ପ୍ରଫୁଲ୍ଲ ସାହୁ, ଦିନବନ୍ଧୁ ସାହୁ, ଡୋଲାମଣି ସାହୁ, ଗିରିଧାରୀ ମାଝୀ, ବିନୋଦ ସାହୁ, ଯୁବ ବିଜେଡି ଡିଜିଟାଲ ସଂଯୋଜକ ତ୍ରିଶଙ୍କ ରଣା ପ୍ରମୁଖ ଯୋଗଦେଇ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ତାଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସଂକଳ୍ପ ନେଇଥିଲେ। ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ ସଭା ସଂଯୋଜନା କରିଥିଲେ। ବିଜେଡ଼ିର ନର୍ଲା ବିଧାନସଭା ପ୍ରାର୍ଥୀ ମନୋରମା ମହାନ୍ତି ଓ କଳାହାଣ୍ଡି ଲୋକସଭା ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କୁ ବିଜୟୀ କରିବା ପାଇଁ ସଭାରେ ଉପସ୍ଥିତ ଜନ ପ୍ରତିନିଧି, କର୍ମୀ, ବରିଷ୍ଠ ନେତା ସ୍ୱକୀୟ ମତ ପ୍ରକାଶ କରିଥିଲେ। ପରେପରେ ବିଧାୟିକା ପ୍ରାର୍ଥିନୀ ମନୋରମା ମହାନ୍ତି ଅଞ୍ଚଳର ବିଭିନ୍ନ ଗ୍ରାମ ମାନଙ୍କୁ ଯାଇ ଭୋଟ ଭିକ୍ଷା କରିଥିଲେ।



## କେସିଙ୍ଗାରେ ବିଜେଡି ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ମେଗା ରୋଡ ସୋ

# 'ଜୟ ନବୀନ' ଓ 'ଜୟ ଶଙ୍ଖ' ନାରାରେ କମ୍ପିଲା ସହର

**କେସିଙ୍ଗା, ୨୦।୪(ସମିସ)**

ଭବାନୀପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେସିଙ୍ଗାଠାରେ ଶନିବାର ବିଜେଡି ପକ୍ଷରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲୋକସଭା ଓ ବିଧାନସଭା ପ୍ରାର୍ଥୀ ନିଜର ଦଳବଳ ସହ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ମେଗା ରୋଡ ସୋ ବିରୋଧୀ ଶିବିରର ହୃଦ୍‌ସ୍ପନ୍ଦନ ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି। କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ସଦର ବିଧାନସଭା ବିଧାୟକ ପ୍ରାର୍ଥିନୀ ଲଳିତା ନାଏକ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। କେସିଙ୍ଗାରେ ଉଭୟ ପ୍ରାର୍ଥୀ ପହଞ୍ଚିବା ପରେ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀ ଓ ଜନସାଧାରଣ ସ୍ୱାଗତ କରିଥିଲେ। ଜୟ ନବୀନ ଓ ଜୟ ବିଜେଡି ନାରାରେ ସହର ପ୍ରକମ୍ପିତ ହୋଇଥିଲା। ପ୍ରାର୍ଥୀମାନଙ୍କ ସହିତ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ବଦ୍ରି ନାରାୟଣ ପଟ୍ଟନାୟକ, କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ନଗର ସଭାପତି ରମେଶ ପଟ୍ଟନାୟକ, ଯୁବ ନେତା ଶିଲୁ ପରିଡ଼ା, ରଞ୍ଜନ ବେହେରାଙ୍କ ସମେତ ଅନେକ ଦଳୀୟ କର୍ମୀ ଏହି ବାଇକ୍ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରାକୁ ନେଇ ବିଜେଡି କର୍ମୀଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଦେଖିବାକୁ ମିଳିଥିଲା। ଉଭୟ ପ୍ରାର୍ଥୀ ପ୍ରଥମେ କେସିଙ୍ଗାସ୍ଥିତ ମା' ଅମ୍ବାଜୀଙ୍କ ମନ୍ଦିରରୁ ମାଁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସ୍ଥାନୀୟ ବୋରିଙ୍ଗପଦର ଠାରେ ଅନୁଷ୍ଠିତ ସଂକଳ୍ପ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ସଂକଳ୍ପ ନିଆଯାଇଥିଲା। କେସିଙ୍ଗା ସହରର ବିଭିନ୍ନ ଛକମାନଙ୍କରେ ଦୁଇ ପ୍ରାର୍ଥୀଙ୍କୁ ମହିଳାମାନେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ।





# ମା' ମଙ୍ଗଳାଙ୍କ ନବରାତ୍ର ପୂଜା ଓ ଜନକଲ୍ୟାଣ କେନ୍ଦ୍ରର ଜନ୍ମୋତ୍ସବ

**ଭବାନୀପାଟଣା, ୨୦।୪(ସମିସ):** ଶକ୍ତିନଗର ମଙ୍ଗଳା ମନ୍ଦିରରେ ମା' ମଙ୍ଗଳାଙ୍କର ଚଇତ୍ର ନବରାତ୍ର ପୂଜା ସାରା ପଡ଼ାବାସୀଙ୍କ ସହଯୋଗରେ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ପୂଜାରେ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ତାଙ୍କ ସହଧର୍ମିଣୀ ପ୍ରଭାସିନୀ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ରୋହିଣୀ କୁମାର ରଥ, ସହଦେବ ପାଢ଼ୀ ଓ ପ୍ରଦୀପ କୁମାର ପଣ୍ଡା ଯଜମାନ କାର୍ଯ୍ୟ ତୁଲାଇଛନ୍ତି। ପୂର୍ଣ୍ଣାହୂତି ଦିବସରେ ଜନସମାଜକୁ ନିଃସ୍ୱାର୍ଥପର ସେବାଦାନ ନିମନ୍ତେ ନିର୍ମିତ ହୋଇଥିବା ମା' ମଙ୍ଗଳା ଜନକଲ୍ୟାଣ କେନ୍ଦ୍ରର ତୃତୀୟ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଭବାନୀପାଟଣା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଅଶେଷାନନ୍ଦ ସରସ୍ୱତୀ, କଳାହାଣ୍ଡି ଜିଲ୍ଲା ଗୀତା ପ୍ରଚାର ସମିତିର ସଭାପତି ତଥା ବିଶିଷ୍ଟ ସମାଜସେବୀ ନିରଞ୍ଜନ ପ୍ରଧାନ ଓ ଶ୍ରୀସତ୍ୟ ସାଇ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ଅତିଥି ରୂପେ ଯୋଗ ଦେଇଥିଲେ। ଜନକଲ୍ୟାଣ କେନ୍ଦ୍ରର ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର ସଭାରେ ସଭାପତିତ୍ୱ କରିଥିଲେ। ଏହି ଜନ୍ମୋତ୍ସବ ପାଳନ ଅବସରରେ ଯୁବ ସମାଜସେବୀ ସୁଶାନ୍ତ କୁମାର ବିଶ୍ୱାଳଙ୍କୁ ତାଙ୍କର ନିସ୍ୱାର୍ଥପର ସେବା କାର୍ଯ୍ୟ ନିମନ୍ତେ ଅତିଥି ବୃନ୍ଦ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଛନ୍ତି। ପଡ଼ାବାସୀ ବିରେନ୍ଦ୍ର ମୋହନ ଦୋରା ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସନାତନ ସାହୁ, ଇନ୍ଦ୍ରଜିତ କଶପ, ଡମ୍ବରୁଧର, ଚିତ୍ତ ରଞ୍ଜନ ପରିଛା, ସୁକେଶ ପୁରୋହିତ, ସୁଶାନ୍ତ ବିଶ୍ୱାଳ, ରଘୁ ମୁଣ୍ଡ, ପ୍ରଦୀପ କୁମାର ମିଶ୍ର, ପ୍ରଶାନ୍ତ କୁମାର ମହାପାତ୍ର, ବିରେନ୍ଦ୍ର ମୋହନ ଦୋରା, ଲୋଚନ ପ୍ରଧାନ, ଗୋପାଳ ଚନ୍ଦ୍ର ମିଶ୍ର, ଭାଗ୍ୟବାନ ମେହେର, ଗୌରୀ ସାହୁ, ପ୍ରଭାସିନୀ ତ୍ରିପାଠୀ, ସୁଷମା ପ୍ରଧାନ, କସ୍ତୁରୀ ତ୍ରିପାଠୀ ଏବଂ ମା ମଙ୍ଗଳା ଭାଗବତ ଟୁଙ୍ଗୀର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।



## ସିର୍ଲିଗୁଡ଼ା ଗ୍ରାମବାସୀଙ୍କ ଭୋଟବର୍ଜନ ନିଷ୍ପତ୍ତି

# ପ୍ରଶାସନ ଓ ଗ୍ରାମବାସୀଙ୍କ ବୈଠକ ବିଫଳ

**ଲଡୁଗାଁ/କୋକସରା, ୨୦।୪( ସମିସ)**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ହେଉଛି ଏକ ରାଜସ୍ୱ ଗ୍ରାମ। ତେବେ ଏହି ଗ୍ରାମର ଭୋଟର ପୂର୍ବରୁ ଗ୍ରାମରୁ ୮ କିମି ଦୂରରେ ଥିବା ବଙ୍ଗୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ମତଦାନ କେନ୍ଦ୍ରକୁ ଭୋଟ ଦେବାପାଇଁ ଯାଉଥିଲେ। ଏନେଇ ସିର୍ଲିଗୁଡା ଗ୍ରାମବାସୀ ଦୀର୍ଘ ବର୍ଷରୁ ନିଜ ଗାଁରେ ମତଦାନ କେନ୍ଦ୍ର ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି। ହେଲେ ଗ୍ରାମବାସୀଙ୍କ ଦାବିକୁ ଅଣଦେଖା କରି ଚଳିତ ନିର୍ବାଚନରେ ପ୍ରଶାସନ ସିର୍ଲିଗୁଡାର ପଡ଼ା ଗ୍ରାମ ଅଁଳାଗୁଡା ପ୍ରାଥମିକ ବିଦ୍ୟାଳୟରେ ମତଦାନ କେନ୍ଦ୍ର କରିଛନ୍ତି। ଏହାକୁ ବିରୋଧ କରି ଭୋଟ ବର୍ଜନ ପାଇଁ ଗ୍ରାମବାସୀ ଏକ ବୈଠକ କରି ଚରମ ନିଷ୍ପତ୍ତି ନେବା ସହ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ଫଳରେ ଶନିବାର ଧର୍ମଗଡ଼ ଉପ ଜିଲ୍ଲାପାଳ

**ମତଦାନ କେନ୍ଦ୍ର ନାହିଁ ତ ଭୋଟ ନାହିଁ**

ଧିମାନ ଚକମା, କୋକସରା ବିଡ଼ିଓ ସ୍ନେହାପ୍ରଭା ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ଥାନା ଅଧିକାରିଣୀ ରନିତା ପ୍ରଧାନ ସିର୍ଲିଗୁଡା ପ୍ରାଥମିକ ବିଦ୍ୟାଳୟରେ ଏକ ବୈଠକ ଡାକି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କ ଦାବି ବର୍ତ୍ତମାନ ସ୍ଥିତିରେ ପୂରଣ କରିବା ସମ୍ଭବ ନୁହେଁ। ଆଗାମୀ ସମୟରେ ସିର୍ଲିଗୁଡାଠାରେ ମତଦାନ କେନ୍ଦ୍ର କରିବାକୁ ପ୍ରଶାସନ ପକ୍ଷରୁ ଚେଷ୍ଟା କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଥିଲେ। ନାଗରିକ ହିସାବରେ ନିକଟସ୍ଥ ଅଁଳାଗୁଡା ମତଦାନ କେନ୍ଦ୍ରରେ ଭୋଟ ଦେବାକୁ ବୁଝାଇବା ପରେ ମଧ୍ୟ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିବା ସହ 'ନୋ ବୁଥ ନୋ ଭୋଟ' ବୋଲି ପ୍ରଶାସନକୁ ନିଜର ନିଷ୍ପତ୍ତି ଶୁଣାଇଛନ୍ତି। ଆଲୋଚନା ସମୟରେ ସିର୍ଲିଗୁଡା ଗ୍ରାମର ଚନ୍ଦ୍ର ଶେଖର ସୁନାନୀ, ଧନେଶ୍ୱର ମହାନନ୍ଦ, ପୁରୁଷୋତ୍ତମ ସୁନାନୀ, ବସନ୍ତ ନାଗ, ଭୂଷଣ ମହାନନ୍ଦ, ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।



## ବିଜେପିରେ ତୁଟୁଁନି ଗୋଷ୍ଠୀକନ୍ଦଳ

# ଅସନ୍ତୁଷ୍ଟ ଓ ସ୍ୱାଧୀନଙ୍କ ପାଇଁ ଅଡୁଆରେ ପ୍ରଦୀପ୍ତ ନାଏକ




**ଭବାନୀପାଟଣା, ୨୦।୪(ସମିସ):** ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତିକ ଦଳ ମଧ୍ୟରେ ସେତିକି ତତ୍ପରତା ଦେଖାଦେବା ସହ ବିଶେଷ କରି ଟିକଟକୁ ନେଇ ଦଳୀୟ କନ୍ଦଳ ଅଧିକ ଦେଖାଦେଇଛି। ବିଶେଷ କରି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଂରକ୍ଷିତ ବିଧାନସଭା ଆସନ ପାଇଁ ବହୁ ବିଜେପି ନେତା ଟିକେଟ ପାଇଁ ଆଶାବାଦୀ ଥିଲେ ହେଁ ଶେଷରେ ଏଠାକାର ବିଧାୟକ ପ୍ରଦୀପ୍ତ ନାଏକଙ୍କୁ ପୁଣି ଚଳିତ ବିଧାନସଭାରେ ପ୍ରାର୍ଥୀ କରିଛି ଭାଜପା। ଏହାକୁ ନେଇ ଅନେକ ଆଶାୟୀ ବିଜେପି ଛାଡିଥିବା ବେଳେ କିଛି ଆଶାୟୀ ସ୍ୱାଧୀନ ପ୍ରାର୍ଥୀ ହୋଇ ବିଜେପିକୁ ଟକ୍କର ଦେବାକୁ ପଛାଇ ନାହାନ୍ତି। ଏହି କ୍ରମରେରେ ଶନିବାର ଦୀର୍ଘ ଦିନ ଧରି ବିଜେପିରେ କାର୍ଯ୍ୟକରି ଆସୁଥିବା ଯୁବ ବିଜେପି ନେତା ବିଜେପିର ଏକଛାତ୍ରବାଦ ନିଷ୍ପତିକୁ ବିରୋଧ କରି ବିଜେପି ଦଳ ପରିତ୍ୟାଗ କରିବା ସହ ନିଜର ହଜାର ହଜାର ସହଯୋଗୀଙ୍କ ସହ ଏକ ବିରାଟ ପଟୁଆରରେରେ ବାହାରି ସ୍ୱାଧୀନ ପ୍ରାଥୀ ଭାବେ ନାମାଙ୍କନ ଦାଖଲ କରିବା ସହ ବିଜେପି ପ୍ରାର୍ଥୀ ପ୍ରଦୀପ୍ତ ନାଏକଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟଗତ କାରଣରୁ ପ୍ରଦୀପ୍ତ ନାଏକ ଦୀର୍ଘ ଚାରି ବର୍ଷ ଧରି ସ୍ଥାନୀୟ ଜନସାଧାରଣଙ୍କଠାରୁ ଦୂରେଇ ରହିଥିଲେ ମଧ୍ୟ ବର୍ତ୍ତମାନ କ୍ଷମତା ମୋହ ଯାଇ ନ ଥିବାରୁ ପୁଣି ପ୍ରାର୍ଥୀ ହୋଇଛନ୍ତି ଓ ଭବାନୀପାଟଣାବାସୀଙ୍କୁ ବୋକା ବନାଉଛନ୍ତି ବୋଲି ବିଜେପି ଛାଡିଥିବା ଓ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ରୋହିତ ଅଭିଯୋଗ ଆଣିଛନ୍ତି। ପ୍ରଦୀପ୍ତ ଏବେ ଠିକ ଭାବେ କଥା ହୋଇ ପାରୁ ନ ଥିବା ବେଳେ ଠିକ ଭାବେ ବୁଲାବୁଲି ମଧ୍ୟ କରିପାରୁନାହାନ୍ତି। ଏଭଳି ପରିସ୍ଥିତିରେ ସେ କିପରି ନିର୍ବାଚନ ଲଢ଼ିବେ ଓ ସାଧାରଣ ଲୋକଙ୍କ କଥା ବୁଝିବେ ବୋଲି ଶ୍ରୀ ଦୁର୍ଗା ପ୍ରଶ୍ନ କରିଛନ୍ତି। ଅନ୍ୟ ପକ୍ଷରେ ଆଜି ରୋହିତ ନିଜ ଶକ୍ତି ପ୍ରଦର୍ଶନ କରି ନାମାଙ୍କନ ଦାଖଲ ଦେଖି ପ୍ରଦୀପ୍ତଙ୍କ ଗୋଷ୍ଠୀରେ ହତାଶା ଭାବ ଦେଖିବାକୁ ମିଳିଛି। ଗୋଟିଏ ପଟେ ଭବାନୀପାଟଣାରେ ବିଜେଡିରୁ ଲଳିତା ନାଏକ ପ୍ରାର୍ଥୀ ହୋଇ ପ୍ରଚାରକୁ ଜୋରଦାର କରିଥିବା ବେଳେ ବିଜେପିରେ ବିଦ୍ରୋହ ଓ ଗୋଡ଼ଟଣା ରାଜନୀତି ବିଜେପି ପ୍ରାର୍ଥୀଙ୍କୁ ଆଡୁଆରେ ପକାଇଦେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

# ଶ୍ରୀରାମ ଲୀଳା ଉଦ୍‌ଘାଟିତ

## ୭୩ ବର୍ଷରେ ପଦାର୍ପଣ

**ମ.ରାମପୁର, ୨୦।୪(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଡ଼ମ୍ କର୍ଲାଖୁଣ୍ଟା ପଞ୍ଚାୟତର ଡୁମେରଗୁଡ଼ା ଡଙ୍ଗା ବାହାଲ ଶ୍ରୀରାମ ଜୀଉ ନାଟ୍ୟ କଳା ପରିଷଦ ତରଫରୁ ୭୩ତମ ବର୍ଷ ଶ୍ରୀ ରାମ ଲୀଳା ନାଟକ ଉଦଘାଟିତ ହୋଇ ଯାଇଛି। ମୁଖ୍ୟ ପରିଚାଳକ ସୁଦାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ମ.ରାମପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ଶ୍ରୀ ରାମ ଜୀଉ ସାଂସ୍କୃତିକ ଅନୁଷ୍ଠାନ ପାଇକପଡ଼ାର ସଭାପତି ଜୀବେଶ୍ କୁମାର ପଣ୍ଡା, ସମ୍ମାନିତ ଅତିଥି ନାଟ୍ୟକାର, ନିର୍ଦ୍ଦେଶକ ପଣ୍ଡିତ ସୁରେନ୍ଦ୍ର ମିଶ୍ର ଯୋଗ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଉଦଘାଟନୀ ଉତ୍ସବ ପରେ ପ୍ରଥମ ରଜନୀର ନାଟକୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର ସଭାପତି ଭୀଷ୍ମ ସାହୁ, ସମ୍ପାଦକ ତୋଫାନ ଭୋଇ, ବରିଷ୍ଠ ସଦସ୍ୟ ଦୁଃଶାସନ ସାହୁ, ଥବୀର ବିଶ୍ୱାଳ, ସୁରେଶ ସାହୁ, ହରିହର ପାତ୍ର ସହଯୋଗ କରିଥିଲେ। ଚଳିତ ବର୍ଷ ଏହି ରାମ ଲୀଳା ମହୋତ୍ସବ ୯ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।






# ଜାମପାଲିରେ ଯୁବକଙ୍କୁ ପିଟିପିଟି ହତ୍ୟା



**ବୌଦ୍ଧ,୨୦।୪(ସମିସ):** ବୌଦ୍ଧ ଆଦର୍ଶ ଥାନା ବଘିଆପଡା ଫାଣ୍ଡି ଗୌଡ଼ଦେଇ ମନ୍ଦିର ପଛପଟୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ସ୍ଥାନୀୟ ଜାମପାଲିର ବିଭୀଷଣ ମହାରଥୀ ବୋଲି ଚିହ୍ନଟ ହୋଇଛି। ତାଙ୍କୁ ପିଟି ପିଟି ହତ୍ୟା କରି ଫିଙ୍ଗି ଦିଆଯାଇଥିବା ପାରିପାଶ୍ୱିକ ପରିସ୍ଥିତିରୁ ଅନୁମାନ କରାଯାଉଛି। ବଘିଆପଡ଼ା ଫାଣ୍ଡି ଜାମପାଲି ଗ୍ରାମର ବିଭୀଷଣ ଶୁକ୍ରବାର ରାତିରେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜିଥିଲେ; ମାତ୍ର ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। କୌଣସି ସମ୍ପର୍କୀୟ ଘରକୁ ଯାଇଥିବା ଭାବି ଘର ଲୋକେ ଆଉ ଖୋଜି ନ ଥିଲେ। ରବିବାର ଗୌଡ଼ଦେଇ ମନ୍ଦିର ପଛପଟେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଖବର ଶୁଣି ପରିବାର ଲୋକେ ଘଟଣା ସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିଛନ୍ତି। ମୃତଦେହ ପଡିଥିବା ସ୍ଥାନରୁ ଏକ ଘରକୁ ରକ୍ତ ଚିହ୍ନ ପଡିଛି; ଯାହାକି ଉକ୍ତ ଘରୁ ତାଙ୍କୁ ପିଟି ପିଟି ହତ୍ୟା ପରେ ବାହାରେ ଆଣି ଫିଙ୍ଗି ଦିଆଯାଇଥିବା ଅନୁମାନ କରାଯାଉଛି। ସେହ ଘର ତାଲା ପଡିଥିବାରୁ ସନ୍ଦେହ ଆହୁରି ଘନୀଭୂତ ହୋଇଛି। ଖବର ପାଇ ବଘିଆପଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

**ପ୍ରବଳ ଗରମରେ ବିଜୁଳିର ଲୁଚକାଳି**

# ଅତିଷ୍ଠ କରୁଛି ଅଘୋଷିତ ବିଦ୍ୟୁତ୍‌କାଟ୍‌

**ସୋନପୁର,୨୦।୪(ସମିସ):** ଏବେ ସୋନପୁରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଦିନ ୧୨ଟା ପରେ ତାତି ଅସମ୍ଭାଳ ହୋଇ ଯାଉଛି; ହେଲେ ଏହା ମଧ୍ୟରେ ସହରବାସୀଙ୍କ ପାଇଁ ଅଧିକ ଦୁଃଖଦାୟକ ସାଜିଲାଣି ଅଘୋଷିତ ବିଦ୍ୟୁତ୍ କାଟ୍। ଦ୍ୱିପହର ହୋଇଗଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଛି। ଦୁଇ ଦିନ ହେଲା ଦ୍ୱିପହରରେ ବିଦ୍ୟୁତ୍ କାଟ୍ ହେଉଛି। ଛୁଆପିଲା ଗରମରେ ଆଉଟୁ ପାଉଟୁ ହୋଇ ଯାଉଛନ୍ତି। ଘରେ କି ବାହାରେ କୌଣସି ସ୍ଥାନରେ ଶାନ୍ତିରେ ଜୀବନ କଟୁ ନାହିଁ। କେବଳ ଯେ ଲାଇନ୍ କଟୁଛି ତାହା ନୁହେଁ; ବେଳେ ବେଳେ ହଠାତ୍ ଭୋଲଟେଜ ଲୋ ହୋଇଯାଉଛି। କିଛି ଦିନ ହେଲା ଏଭଳି ସମସ୍ୟା ଯୋଗୁଁ ଅତିଷ୍ଠ ହୋଇ ଗଲେଣି ସହରବାସୀ। ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଅଧିକ ହଇରାଣ ହେଉଛନ୍ତି ଗରିବ ଗୁରୁବା। ବିଜୁଳି ଚାଲିଗଲେ ମଧ୍ୟ ଧନୀଶ୍ରେଣୀର ଲୋକେ ବିଶେଷ ଅସୁବିଧାରେ ପଡନ୍ତି ନାହିଁ। ଇନଭର୍ଟରରେ କାମ ଚଳାଇ ଦିଅନ୍ତି; ହେଲେ ଗରିବ ଖଟିଖିଆ କାମଧନ୍ଦାରୁ ଆସି ଖାଇ ପିଇ ଟିକେ ବିଶ୍ରାମ କରିବାକୁ ଗଲାବେଳେ ବିଜୁଳି ଚମ୍ପଟ। ବିଦ୍ୟୁତ୍ ଯୋଗାଣ ସୁବ୍ୟବସ୍ଥିତ ପାଇଁ ଟାଟା କମ୍ପାନୀ ଧ୍ୟାନ ଦେଉନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ସହରରେ ଏଭଳି ବିଦ୍ୟୁତ କାଟ ଅବ୍ୟାହତ ରହିଲେ ଏକ ବଡ ଧରଣର ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ।

**ବନୀକରଣରେ ଦୁର୍ନୀତି**

# ଗୋଟିଏ ବି ଚାରା ଦେଖିବାକୁ ପାଇଲେନି ମନରେଗା ଲୋକପାଳ



**ବୌଦ୍ଧ,୨୦।୪(ସମିସ):** ବୌଦ୍ଧ ବନଖଣ୍ଡ ତରଫରୁ ମନରେଗା ଯୋଜନାରେ ହୋଇଥିବା ବନୀକରଣ ଦୁର୍ନୀତିରେ ମନରେଗା ଲୋକପାଳ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବୌଦ୍ଧ ବନଖଣ୍ଡ ଖଜୁରିପଡ଼ା ସେକ୍ସନ ରାମ୍ପିକଟ ବିଟ ଅଧୀନ ଅନାମୁଣ୍ଡା ଗ୍ରାମରେ ବନ ବିଭାଗ ତରଫରୁ ମନରେଗା ଯୋଜନାରେ ଚାରା ରୋପଣ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୫ ଏକର ଜଙ୍ଗଲ ଜମିରେ ଚାରା ରୋପଣ କରାଯାଇଥିଲା। ୬୨୫୦ ଚାରା ରୋପଣ କରାଯାଇଥିବା ବେଳେ ମଜୁରି ବାବଦ ୬,୫୦,୪୪୬ ଟଙ୍କା, ଆନୁଷଙ୍ଗିକ ଖର୍ଚ୍ଚ ବାବଦ ୩, ୭୩, ୧୮୮ ଟଙ୍କାକୁ ମିଶାଇ ମୋଟ ୧୦,୨୩,୬୩୪ ଟଙ୍କା ବ୍ୟୟ ହୋଇଛି। ତେବେ ସେଠାରେ ଗଛ ଦେଖିବାକୁ ମିଳୁନି। ଯେଉଁ ଜାଗାରେ ବନୀକରଣ ହୋଇଥିବା ଦର୍ଶାଯାଇଛି ତାହା ଏବେ ଟାଙ୍ଗରା ଭୂଇଁ। ଏତେ ସଂଖ୍ୟକ ଚାରା ରୋପଣ ହୋଇଥିବା ବେଳେ ମାତ୍ର ବର୍ଷଟିଏ ନ ପୂରୁଣୁ ସେ ସବୁ ଉଭାନ ହୋଇଗଲାଣି। ଏଭଳି ସ୍ଥିତିରେ ଏହି କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଜିଲ୍ଲା ମନରେଗା ଲୋକପାଳଙ୍କ ନିକଟରେ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଲୋକପାଳ ଡ. ଦିଲ୍ଲୀପ ମହାପାତ୍ର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଜିଲ୍ଲା ମନରେଗା ସଂଯୋଜକ, ଜିଲ୍ଲା ସୋସିଆଲ ଆଡିଟରଙ୍କ ସମେତ ଜଙ୍ଗଲ ବିଭାଗର ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



**● ପାଣି ପାଇଁ ଡହକବିକଳ ଯୋଗୀନ୍ଦ୍ରପୁର ଗ୍ରାମବାସୀ**

# ୬ମାସ ହେବ ପାନୀୟ ଜଳ ପ୍ରକଳ୍ପ ଅଚଳ

**ଶଗଡା,୨୦।୪(ସମିସ):** ସରକାର ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାକୁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଖରା ଦିନେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଣ୍ଢାମାଳ ବ୍ଲକ୍ ଯୋଗିନ୍ଦ୍ରପୁର ଗ୍ରାମର ଲୋକ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଲୋକେ ପାଣି ପାଇଁ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ସହ ନଳକୂପ ଉପରେ ନିର୍ଭର କରି ଚଳୁଥିଲେ; ହେଲେ ଗତ ୬ମାସ ହେବ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଛି। ଏହା ଫଳରେ ପ୍ରଚଣ୍ଡ ଖରା ସହ ପାନୀୟ ଜଳ ସମସ୍ୟା ଯୋଗୁଁ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବା ବେଳେ ଲୋକେ ପାଣି ପାଇଁ ଖରାରେ ଲମ୍ବା ଲାଇନ୍ ଲଗାଇଥିବା ଦେଖିବାକୁ ମିଳିଛି। ଖରା ଆରମ୍ଭ ହୋଇଥିବାରୁ ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ଅନ୍ୟପଟେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ପ୍ରତ୍ୟେକ ଘରକୁ ପାଇପ୍ ସହ ଷ୍ଟାଣ୍ଡ ପୋଷ୍ଟ ବସା ଯାଇଛି; ହେଲେ ବର୍ତ୍ତମାନ ସୁଦ୍ଧା ଗ୍ରାମକୁ ପାଣି ଯୋଗାଣ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇ ନ ଥିବା ଦେଖିବାକୁ ମିଳିଛି। ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପକୁ ମରାମତି କରି ଗ୍ରାମକୁ ପାଣି ଯୋଗାଣ କରିବା ସହ ମେଗା ପ୍ରକଳ୍ପରୁ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି। ଘଟଣା ସମ୍ପର୍କରେ କଣ୍ଢାମାଳସ୍ଥିତ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଅଜିତ ସେଠୀଙ୍କୁ ପଚାରିବାରୁ ବିଦ୍ୟୁତ୍ ବିଲ୍ ବକେୟା ଥିବାରୁ ବିଦ୍ୟୁତ୍ ବିଭାଗ ସଂଯୋଗ ବିଚ୍ଛିନ୍ନ କରିଥିଲା। ବକେୟା ବିଦ୍ୟୁତ୍ ବିଲ୍ ପୈଠ କରାଯାଇଥିବା ବେଳେ ଖୁବ୍ ଶୀଘ୍ର ଗ୍ରାମକୁ ଜଳ ଯୋଗାଣ କରାଯିବ ବୋଲି କହିଥିଲେ।



# ପାହାଡ଼ ତଳସାହିରେ ଟ୍ରାନ୍ସଫର୍ମର ବସିଲା



**'ସକାଳ'ପ୍ରଭାବ**

**ହରଭଙ୍ଗା,୨୦।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଖରଭୂଇଁ ପାହାଡ଼ ତଳସାହିକୁ ଶେଷରେ ବିଦ୍ୟୁତ୍ ସଂଯୋଗ ହୋଇଛି। ଆଜିକୁ ୨୫ ଦିନରୁ ଅଧିକ ହେଲା ଗାଁରେ ବିଦ୍ୟୁତ୍ ସଂଯୋଗ ବନ୍ଦ ଥିଲା । ଅସହ୍ୟ ଗୁଳୁଗୁଳି ସହ ଅନ୍ଧାରରେ ଲୋକେ ଦିନ କାଟୁଥିଲେ। ଟ୍ରାନ୍ସଫର୍ମରଟି ପୋଡି ଯିବା ପରେ ଲୋକେ ଟାଟା ପାୱାରକୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ; ହେଲେ କେହି ଶୁଣୁ ନ ଥିଲେ। ଏ ନେଇ ଦୈନିକ 'ସକାଳ'ରେ ଏକ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ରମେଶ ମେହେର ନାମକ ଜଣେ ସାମାଜିକ କର୍ମୀ ଟାଟା ପାୱାରକୁ ଟୁଇଟ୍ କରିଥିଲେ। ଏହା ପରେ ଟାଟା ପାୱାରର ଚେତା ପଶିଥିଲା। ଶନିବାର ସାହିରେ ନୂତନ ଟ୍ରାନ୍ସଫର୍ମର ଲାଗିଛି। ଗାଁର କମଳ ଦେହୁରୀ, ଅନିଲ ବାଘ, ବିଦେଶୀ ବାଘ, ଗୋକୁଳ ଦେହୁରୀ, ଗୀତାଞ୍ଜଳି ଦେହୁରୀ ପ୍ରମୁଖ 'ସକାଳ'କୁ ଧନ୍ୟବାଦ ଦେଇଛନ୍ତି।

- ■ ଖବର ପ୍ରକାଶ ପରେ ଟାଟା ପାୱାରର ନିଦ ଭାଙ୍ଗିଲା
- ■ ୨୫ ଦିନ ହେଲା ଅନ୍ଧାର ଦିନ କାଟୁଥିଲେ ଲୋକେ

# ଆବର୍ଜନାରେ ପୂର୍ଣ୍ଣ ଦୈନିକ ପରିବା ବଜାର



**ସୁବଲୟା,୧୯।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଦୈନିକ ପନିପରିବା ବଜାର ଏବେ ଅପରିଷ୍କାର ସହ ଦୁର୍ଗନ୍ଧମୟ ପାଲଟିଛି। ଏହାଫଳରେ କ୍ରେତା ବିକ୍ରେତାଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଛି। ଅଞ୍ଚଳର ବହୁ ଚାଷୀ ଏହି ଦୈନିକ ବଜାର ଉପରେ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ସକାଳୁ ମଧ୍ୟାହ୍ନ ସମୟ ପର୍ଯ୍ୟନ୍ତ ଚାଷୀ ଖରା, ବର୍ଷା, ଶୀତରେ ନିଜର ପନିପରିବା ବିକ୍ରି କରୁଛନ୍ତି। ବଜାର ପରିସର ଅପରିଷ୍କାର ରହୁଥିବା ବେଳେ ପିଇବା ପାଣିର ବ୍ୟବସ୍ଥା ନାହିଁ। କ୍ରେତା ବିକ୍ରେତା ଆସୁଥିବା ସାଇକଲ ଓ ବାଇକ୍ ଅସୁରକ୍ଷିତ ସ୍ଥାନରେ ରଖୁଛନ୍ତି। ଏହାଫଳରେ ଏଠାରୁ ଚୋରି ହେଉଥିବା ବିଭିନ୍ନ ସମୟରେ ଥାନାରେ ଅଭିଯୋଗ ହେଇଛି। ପଞ୍ଚାୟତ କର୍ତ୍ତୃପକ୍ଷ ସମସ୍ତ ବିକ୍ରୀତାଙ୍କଠାରୁ ଦୈନିକ ଟିକସ ଆଦାୟ କରି ବର୍ଷକୁ ଲକ୍ଷାଧିକ ଟଙ୍କା ଟିକସ ଆଦାୟ କରୁଛନ୍ତି; ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ପିଇବା ପାଣିର ବ୍ୟବସ୍ଥା କରି ନ ଥିବା ବେଳେ ସଫେଇ କାର୍ଯ୍ୟ ହେଉ ନ ଥିବା ଯୋଗୁଁ ଏଠାରେ ଆବର୍ଜନା କୁଣ୍ଡରେ ପରିଣତ ହେଇଛି। ଏଠାରେ ଆର୍ବଜନାଗୁଡ଼ିକ ଏକାଠି ଜମି ରହି ପଚି ସଢି ଦୁର୍ଗନ୍ଧ ହେଉଛି। ଏହାଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଚମ୍ପାମାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ ଭୋଇଙ୍କୁ ଯୋଗାଯୋଗ କରାଯିବାରୁ ଦୈନିକ ଟିକସ ଆଦାୟ ହେଉଛି, ଖୁବ ଶୀଘ୍ର ସରପଞ୍ଚଙ୍କ ସହ କଥା ହୋଇ ଜଳ ଛତ୍ର ଖୋଲାଯିବ ବୋଲି କହିଛନ୍ତି।

- ● ମାସକୁ ଲକ୍ଷାଧିକ ଟଙ୍କା ଟିକସ ଆଦାୟ
- ● କ୍ରେତା ବିକ୍ରେତାଙ୍କ ପାଇଁ ପିଇବା ପାଣି ସୁବିଧା ନାହିଁ
- ● ସୁରକ୍ଷିତ ନୁହେଁ ବଜାର ପରିସର

# ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



**ସୁବଲୟା/ଖଣ୍ଡହତା,୨୦।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ବୁଠିପଦର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞର ତୃତୀୟ ବର୍ଷ ଅବସରରେ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ସୁରୁବାଲି ଜୋର ଘାଟ ନିକଟରେ ଗଙ୍ଗା ମାତାଙ୍କୁ ଆବାହନ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ପୂର୍ଣ୍ଣ କଳସ ଧରି ଶତାଧିକ ମହିଳା ଓ ପୁରୁଷ ନଗର ପରିକ୍ରମା କରି ନାମ ମଣ୍ଡପଠାରେ କଳସ ସ୍ଥାପନ କରିଥିଲେ। ଏଥିରେ ପୂଜକ ମୁରଲୀ ପୁଝାରୀ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ପୁରନ୍ଦର ପଧାନ ଓ ତାଙ୍କ ପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରବିବାର ସକାଳୁ ଅଧିବାସ ଆରମ୍ଭ ହେବ। ପ୍ରମୋଦ ପଣ୍ଡା, ମଦନ ପଧାନ, ଇନ୍ଦ୍ରଜିତ ପଧାନ ଓ ଜିତେନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ମଲ୍ଲୀରେ ମହକୁଛି ସୋନପୁର



**ସୋନପୁର,୨୦।୪(ସମିସ):** ରାଜାରାଜୁଡା ସମୟରୁ ସୁବର୍ଣ୍ଣପୁରବାସୀ ଖୁବ୍ ବିଳାସବ୍ୟସନ ପ୍ରିୟ। ଧୋବ ଫର ଫର ଧୋତୀ ଓ ହାତ ବୁଣେଇ ସରୁ ସୂତାର କୁର୍ତ୍ତା ପିନ୍ଧିବା ସହ ବେଲାରୀ ପାନ ଖାଇବା ଓ ମଲ୍ଲୀ ମାଳ ପିନ୍ଧିବା ସୋନପୁରିଆଙ୍କ ପୁରୁଣା ସଉକ। ଯେତେ ଦର ହେଲେ ବି ଏବେ ବି ସ୍ଥାନୀୟ ଲୋକେ ମଲ୍ଲୀ ମାଳ ପିନ୍ଧନ୍ତି। ସୋନପୁରରେ ମଲ୍ଲୀଫୁଲର ସ୍ୱତନ୍ତ୍ର ଚାହିଦା ରହିଛି। ଅଷ୍ଟ ମ'କାର ସହର ଭାବେ ସୁବର୍ଣ୍ଣପୁରର ଖୁବ୍ ଖ୍ୟାତି ରହିଛି। ଅଷ୍ଟ ମ'କାର କହିଲେ ମୁଗ, ମଙ୍ଗା, ମଠା, ମନ୍ଦିର, ମଲ୍ଲୀଫୁଲ ଆଦି ଆଠଟି ଦ୍ରବ୍ୟକୁ ବୁଝାଏ। ତେବେ ସତରେ ଗ୍ରୀଷ୍ମ ଋତୁ ଆସିଲେ ସୋନପୁର ସହର ମଲ୍ଲୀ ଫୁଲ ମହକରେ ମହକୁ ଥାଏ। କେବଳ ଯେ ଦେବାଦେବୀ ମଲ୍ଲୀ ଫୁଲର ମାଳରେ ସଜ୍ଜିତ ହୁଅନ୍ତି ତାହା ନୁହେଁ; ସହରବାସୀ ମଧ୍ୟ ମଲ୍ଲୀ ମାଳ ପିନ୍ଧିବାର ସଉକ ଖୁବ୍ ନିଆରା। ଏବେ ଦୋକାନ ବଜାର ଯେଉଁଠି ଦେଖିଲେ ମଲ୍ଲୀ ଫୁଲ ବିକ୍ରି ହେଉଛି। ଫୁଲ ଦୋକାନୀ ମଧ୍ୟ ଲୋକଙ୍କ ଚାହିଦାକୁ ଦେଖି ବିଭିନ୍ନ ଗାଁରୁ ମଲ୍ଲୀ ଫୁଲ ସଂଗ୍ରହ କରି ବିକ୍ରି କରୁଛନ୍ତି। ସୋନପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କୁ ଶ୍ରଦ୍ଧାଳୁ ପ୍ରତ୍ୟହ ମଲ୍ଲୀମାଳ ଅର୍ପଣ କରୁଛନ୍ତି। ଲସି ଦୋକାନରେ ସାମ୍ନାରେ ରଖାଯାଇଥିବା ରଙ୍ଗୀନ ପାନୀୟ ବୋତଲକୁ ଅତି ଯତନରେ ମଲ୍ଲୀ ଫୁଲରେ ସଜ୍ଜିତ କରାଯାଉଛି। ମଲ୍ଲୀଫୁଲର ମାଟି ସୋନପୁର ଏବେ ମଲ୍ଲୀ ବାସନାରେ ମହକୁଛି। ରାଜାଙ୍କ ଶାସନ ସମୟରୁ ସୋନପୁରରେ ବହୁଳ ଭାବେ ମଲ୍ଲୀଫୁଲ ଚାଷ ହୋଇ ଆସୁଛି। ଗ୍ରୀଷ୍ମ ଋତୁରେ ମାଲୁଣୀମାନେ ବିଶେଷ କରି ଏହି ଫୁଲ ହିଁ ବିକ୍ରି କରିଥାନ୍ତି। ଚୌହାନ ରାଜବଂଶଙ୍କ ରାଜୁତି ସମୟରେ ସୋନପୁର ସହରରେ ମହିଳାମାନେ ମଲ୍ଲୀଫୁଲ ଏବଂ ବେଲାରୀ ପାନ ବିକ୍ରି କରୁଥିଲେ। ମୁଖ୍ୟ ପ୍ରସାଧନ ଭାବେ ମଲ୍ଲୀମାଳକୁ ସ୍ଥାନୀୟ ମହିଳାମାନେ ଆଦର କରନ୍ତି। ଏହି ସମୟରେ ସୋନପୁରରେ ଅନୁଷ୍ଠିତ ହେଉଥିବା ବିବାହ ବ୍ରତ, ପୂଜା, ଯଜ୍ଞ ସବୁଥିରେ ମଲ୍ଲୀମାଳ ଖୋଜା ଯାଏ। ସଭା ସମିତିର ଅତିଥିଙ୍କୁ ମଲ୍ଲୀମାଳ ଦେଇ ସ୍ୱାଗତ କରାଯାଏ। ମଲ୍ଲୀଫୁଲର ବହୁଳ ବ୍ୟବହାର ଯୋଗୁଁ ସ୍ଥାନୀୟ ଫୁଲ ଚାଷୀ ତଥା ଦୋକାନୀ ଭଲ ରୋଜଗାର କରୁଛନ୍ତି।

**■ ଧୁ ଧୁ ଖରାରେ ରୋଗୀ ଦେଖୁଛନ୍ତି ଡାକ୍ତର**

# ଅଂଶୁଘାତ ନିରାକରଣ ପାଇଁ କ୍ଲିନିକ୍‌ରେ ବ୍ୟବସ୍ଥା ନାହିଁ

**ସୋନପୁର,୧୯।୪(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହରେ ସୋନପୁର ତତଲା ତାୱା ଭଳି ଲାଗୁଛି। ଅସହ୍ୟ ତାତି ସହ ଝାଞ୍ଜି ପବନରେ ଜନ ଜୀବନ ଇତସ୍ତତ ହୋଇ ଯାଉଛି। ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅଂଶୁଘାତର ଭୟ ଯୋଗୁଁ ଦିନରେ ଘରୁ ନ ବାହାରିବା ପାଇଁ ଜରୁରୀକାଳୀନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଉଛି। ସମସ୍ତ ସ୍କୁଲ୍ ୩ ଦିନ ଛୁଟି ଘୋଷଣା କରାଯାଇଛି। ଅନ୍ୟ ପକ୍ଷରେ ସହରରେ ଥିବା ଘରୋଇ କ୍ଲିନିକ୍‌ଗୁଡିକରେ ଡାକ୍ତରମାନେ ଦିନର ଦ୍ୱିପହରରେ ରୋଗୀ ଦେଖୁଛନ୍ତି। ଧୁ ଧୁ ଖରା ସମୟରେ ରୋଗୀ ଦେଖୁଥିବାରୁ ଗାଁ ଗହଳିରୁ ରୋଗୀ ଆସି ପ୍ରବଳ ଗରମ ସତ୍ତ୍ୱେ କ୍ଲିନିକ୍ ସାମ୍ନାରେ ଜଗି ରହୁଛନ୍ତି। ରୋଗୀ ସହ ଆସିଥିବା ସଂପର୍କୀୟ ଏବଂ ଛୋଟ ଶିଶୁ ମଧ୍ୟ କ୍ଲିନିକ୍ ବାହାରେ ଜଗି ରହିଥିବା ଦେଖିବାକୁ ମିଳୁଛି। ଦିନ ୧୨ଟା ଯାଏଁ ସରକାରୀ ଡାକ୍ତରଖାନାରେ ଡାକ୍ତରମାନେ ରୋଗୀ ଦେଖି ସାରିବା ପରେ ଘରୋଇ କ୍ଲିନିକ୍‌କୁ ଆସି ରୋଗୀ ଦେଖୁଛନ୍ତି। ପ୍ରବଳ ଖରା ଯୋଗୁଁ ଡାକ୍ତର ଦେଖି ସାରିଲା ପରେ ମଧ୍ୟ ରୋଗୀ ଏବଂ ସଂପର୍କୀୟ ଘରକୁ ଫେରି ପାରୁ ନାହାନ୍ତି। ସାରା ଦ୍ୱିପହର ସେମାନଙ୍କୁ ଖରା ଝାଞ୍ଜି ଖାଇବାକୁ ପଡୁଛି। ତେବେ ସବୁଠୁ ଦୁଃଖ ଦାୟକ ହେଉଛି ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କୁ ଦେଖାଇବା ପାଇଁ ଗର୍ଭବତୀ ମହିଳାମାନେ ମଧ୍ୟ କ୍ଲିନିକ୍ ବାହାରେ ଜଗି ରହୁଛନ୍ତି। ଖରା ସମୟରେ ରୋଗୀ ଏବଂ ସଂପର୍କୀୟ ବସିବା ପାଇଁ ବ୍ୟବସ୍ଥା କରାଯାଉ ନାହିଁ। ଲାଗୁଛି ଯେମିତି ଘରୋଇ କ୍ଲିନିକ୍‌ରେ ଅଂଶୁଘାତର ଭୟ ନାହିଁ।

# ପଦ୍ମତୋଳା ଅଭୟାରଣ୍ୟରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ




**ହରଭଙ୍ଗା,୨୦।୪(ସମିସ):** ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ କୁସଙ୍ଗ ରେଞ୍ଜ୍ ପଦ୍ମତୋଳା ଅଭୟାରଣ୍ୟରେ ଲାଗିଛି ନିଆଁ। ୩୦ ଜଣ ବନ କର୍ମଚାରୀ ନିଆଁ ଲିଭାଇବା ପାଇଁ ନାକେଦମ୍ ହୋଇଛନ୍ତି। ଦୃର୍ବୃତ୍ତ ଅଭୟାରଣ୍ୟରେ ନିଆଁ ଲଗାଇ ଦେବାରୁ ଧୀରେ ଧୀରେ ନିଆଁ ବ୍ୟାପିଥିଲା। ବିଭାଗ ଖବର ପାଇ ବନ ବିଭାଗ କର୍ମଚାରୀ ନିଆଁ ଲିଭାଇଥିଲେ ବୋଲି କୁସଙ୍ଗ ରେଞ୍ଜର ସଂସାରୀ ବର୍ଗିଆ କହିଛନ୍ତି। ଅନ୍ୟପଟେ ପଦ୍ମତୋଳା, ବଡ଼ ପାହାଡ, ସୁନାଖଣିଆଁ ପାହାଡ଼, ଦିମ୍ବିରିଆ ପାହାଡ଼ରେ ଲାଗିଥିବା ନିଆଁକୁ ବନ କର୍ମଚାରୀ ଆୟତ୍ତ କରିଛନ୍ତି। ସାତଖଣ୍ଡ, ନନ୍ଦାଗାଡୁରେ ମଧ୍ୟ ନିଆଁ ଲାଗିଛି। କେନ୍ଦୁପତ୍ର ତୋଳାଳି ଓ ଶିକାରୀ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି ବୋଲି ବନ ବିଭାଗ କହିଛି।

# ଶୀତଳଭଣ୍ଡାର ନାହିଁ; ଚାଷୀ ଅଭାବୀ ବିକ୍ରିର ଶିକାର

**ସୁବଲୟା,୨୦।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡରରେ ଶୀତଳ ଭଣ୍ଡାର ଅଭାବ ଯୋଗୁଁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। କୃଷି ଓ କୃଷକର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରି ଚାଲିଛନ୍ତି; ମାତ୍ର ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଚାଷୀ ଏହାର ସୁଫଳ ପାଇ ପାରିନାହାନ୍ତି। ବୀରମହାରାଜପୁର ତଥା ଗ୍ରାମାଞ୍ଚଳର ଚାଷୀ ବିଭିନ୍ନ ବ୍ୟାଙ୍କ ଓ ସୋସାଇଟିରୁ ଋଣ ଆଣି ବିହନ, ସାର ଓ କୀଟନାଶକ ଔଷଧ କିଣୁଛନ୍ତି। ଏହି ଅଞ୍ଚଳରେ ଶହ ଶହ ଏକର ପନିପରିବା ଚାଷ ହେଉଛି। ପନିପରିବା ଅମଳ ପରେ ତାହା ଚାଷୀ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହା ଫଳରେ ଚାଷୀ ଉଚିତ ମୂଲ୍ୟ ପାଇବାରେ ବଞ୍ଚିତ ରହୁଛି। ଚାଷୀ ଋଣ ପରିଶୋଧ କରିପାରୁନି। ଏଠାରେ ଶୀତଳ ଭଣ୍ଡାର ନ ଥିବା ଯୋଗୁଁ ବନ୍ଧାକୋବି, ଟୋମାଟ, ବାଇଗଣ, ଆଳୁ, ପିଆଜ, ଫୁଲକୋବି ପ୍ରଭୃତି ପନିପରିବା ନଷ୍ଟ ହେବା ସହ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ଏହା ସହ ସରକାରୀ ସବସିଡି ଯୁକ୍ତ ବିହନ, ସାର ଆଦି ତଳସ୍ତରର ଚାଷୀଙ୍କ ପାଖକୁ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ ଏକ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି।

# ଭାରସାମ୍ୟ ହରାଇ ଓଲଟିଲା ଅଟୋ: ୪ ଗୁରୁତର



**ହରଭଙ୍ଗା,୨୦।୪(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଯୋଧ୍ୟା ନିକଟରେ ଅଟୋ ଓଲଟି ୪ ଗୁରୁତର ହୋଇଛନ୍ତି। ଏମାନେ ହେଲେ ଗୋଲେଖ ସାହୁ (୫୦), ସ୍ମିସ୍ମିତା ବେହେରା (୩୦), ପ୍ରଭାସିନୀ କଁହର (୨୮), ଅଟୋ ଚାଳକ ଝଗୁଡୁ ନାଏକ (୪୦)। ଅଟୋଟି ଚାରିଛକରୁ କୁମାରୀ ଯାଉଥିଲା। ଅଯୋଧ୍ୟା ନିକଟବର୍ତ୍ତୀ ଝରଦାଣ୍ଡି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସମସ୍ତଙ୍କୁ ତୁରନ୍ତ ସ୍ଥାନୀୟ ଲୋକେ ଉଦ୍ଧାର କରି ହରଭଙ୍ଗା ମେଡିକାଲ ନେଇଥିଲେ।

● ଇନ୍ଦ୍ରାବତୀ କେନାଲରୁ ପାଣି ନ ପାଇ ଚାଷୀ ହନ୍ତସନ୍ତ

# ଜମିକୁ ଜଳସେଚନ ପାଇଁ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଚାଷୀ

**ବେହେରା, ୨୦।୪(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ତରଙ୍ଗା ଗ୍ରାମର ଚାଷୀ କେନାଲ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି। ଏ ନେଇ ଶନିବାର ଗ୍ରାମର ଅନେକ ଚାଷୀ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ କେନାଲ ପାଣି ଯୋଗେଇ ଦେବାକୁ ଦାବି କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ ଚାଷୀ ଧାର କରଜ କରି ରବି ଚାଷ କରିଥିଲେ। ହେଲେ ସାତ ଦିନ ବ୍ୟବଧାନରେ କେନାଲ ପାଣି ଛାଡୁଥିବାରୁ ଉପର ମୁଣ୍ଡର ଚାଷୀ ପାଣି ପାଉଥିବା ବେଳେ ତଳ ମୁଣ୍ଡରେ ଥିବା ଚାଷୀ ପାଣି ପାଇ ପାରୁ ନ ଥିବାରୁ ଜମି ଗୁଡିକ ଫାଟି ଆଁ କରିବାକୁ ବସିଲାଣି।



ବର୍ତ୍ତମାନ ଜମିରେ ଧାନ ଫଳୁଥିବା ବେଳେ ଧାନ ସବୁ ମରିବାକୁ ବସିଲାଣି ବୋଲି ଚାଷୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ଚାଷୀ ରିଙ୍କୁ ମୁଣ୍ଡ, ଦେବେନ୍ଦ୍ର ପାତ୍ର, ବିଶ୍ୱମ୍ବର ହଂସ, ଲୋଚନ ଗହୀର, ଧବଳେଶ୍ୱର ହଂସ, ଦୈତାରୀ ମାଝୀଙ୍କ ସମେତ ଅନେକ ଚାଷୀ ଉପ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ପୁଣି ଦାଦନ ଦୁଃଖ

# ସରକାରୀ ସହାୟତା ଅପେକ୍ଷାରେ ଦୁଇ ଅନାଥ ଭାଇ-ଭଉଣୀ

**କେଗାଁ, ୨୦।୪(ସମିସ)**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅଧୀନ ମାନଝରି ଗ୍ରାମର ଟୁନି କାଣ୍ଡ(୧୬) ଏବଂ ସିଦ୍ଧାନ୍ତ କାଣ୍ଡ(୧୩) ଦୁଇ ନାବାଳକ ଭାଇଭଉଣୀ ବାପା ଉଦ୍ଧବ କାଣ୍ଡଙ୍କୁ ହରାଇ ଅସହାୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ସେମାନେ ଅନାଥ ହୋଇପଡ଼ିଥିବା ବେଳେ ସେମାନେ ଏବେ କିପରି ଚଳିବେ ସେ ନେଇ ଚିନ୍ତିତ ଅଛନ୍ତି। ସୂଚନା ମୁତାବକ ଉଦ୍ଧବ (୪୬) ଗତ ଡିସେମ୍ବର ମାସରେ ତେଲେଙ୍ଗାନା ରାଜ୍ୟର ଭେଲିପାଲି ଅଞ୍ଚଳର ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ପ୍ରାଣ ହରାଇବାରୁ ମାର୍ଚ୍ଚ ୩୧ ତାରିଖରେ ତାଙ୍କ ମର ଶରୀର



ଆମ୍ବୁଲାନ୍ସ ଯୋଗେ ଗାଁରେ ପହଞ୍ଚିଥିଲା। ମା' ମୁକ୍ତା ଦେଇ ଗତ ୫ ବର୍ଷ ତଳେ ପ୍ରାଣ ହରାଇଥିଲେ। ଦୁଇ ପିଲାଙ୍କ ମୁହଁରେ ଦାନା ଗଣ୍ଡାଏ ଦେବା ପାଇଁ ବାପା ଉଦ୍ଧବ ଦାଦନ ଖଟିବାକୁ ବାହାରକୁ ଯାଇଥିଲେ। ହେଲେ ଶେଷରେ ତାଙ୍କ ଶବ ଗାଁକୁ ଫେରିଥିଲା। ଏପରି ପରିସ୍ଥିତିରେ ଦୁଇ ଭାଇ ଭଉଣୀ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଦୁଇ ପିଲାଙ୍କର ଏକମାତ୍ର ଆଶା ଭରସା ୮୦ ବର୍ଷୀୟ ଜେଜେବାପା। ତାଙ୍କର ଖଟରୁ ଉଠିବାର ଶକ୍ତି ନାହିଁ। ଏପରି ପରିସ୍ଥିତିରେ ଟୁନି ଓ ସିଦ୍ଧାନ୍ତ ନିଜ ଭବିଷ୍ୟତକୁ ନେଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ଆର୍ଥିକ ସାହାଯ୍ୟ ମିଳି ନ ଥିବା ଘରଲୋକଙ୍କ ସୂତ୍ରରୁ ଜଣାପଡ଼ିଛି। ସରକାରୀ ସହାୟତା ପାଇଁ ଅନାଇ ବସିଛନ୍ତି କୁନି ଭାଇ ଭଉଣୀ। ଟୁନି ନିରକ୍ଷର ଥିବା ବେଳେ ସିଦ୍ଧାନ୍ତ ୮ମ ଶ୍ରେଣୀରେ ପାଠ ପଢୁଛି। ସେମାନଙ୍କ ଭବିଷ୍ୟତ ତଥା ବଞ୍ଚିବାର ରାହା ଦେଖାଇବା କ୍ଷେତ୍ରରେ ପ୍ରଶାସନ ସହଯୋଗ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

● ତୃତୀୟ ଦିନ ସୁଦ୍ଧା ନେଇଛନ୍ତି ୪୩ ନାମାଙ୍କନପତ୍ର

## ୫ ଜଣଙ୍କ ନାମାଙ୍କନପତ୍ର ଦାଖଲ

**ଭବାନୀପାଟଣା,୨୦।୪(ସମିସ):** ନାମାଙ୍କନପତ୍ର ଦାଖଲର ତୃତୀୟ ଦିନ ସୁଦ୍ଧା ସାଂସଦ ପ୍ରାର୍ଥୀ ପାଇଁ କଂଗ୍ରେସ ପ୍ରାର୍ଥୀ ଦ୍ରୌପଦୀ ମାଝୀଙ୍କ ସମେତ ଅନ୍ୟ ଚାରିଜଣ ନାମାଙ୍କନ ପତ୍ର ନେଇଛନ୍ତି। ସେହିଭଳି ଭବାନୀପାଟଣା ନିର୍ବାଚନମଣ୍ଡଳୀରୁ ୬ ଜଣ ସ୍ୱାଧୀନ ପ୍ରାର୍ଥୀ, ଧର୍ମଗଡ଼ରେ ସ୍ୱାଧୀନ ପ୍ରାର୍ଥୀ ୯, ଜୁନାଗଡ଼ରେ ୬ ଜଣ, ଲାଞ୍ଜିଗଡ଼ ପାଇଁ ୪ ଜଣ ଓ ନର୍ଲା ଆସନ ପାଇଁ ବିଜେଡି ପ୍ରାର୍ଥୀ ମନୋରମା ମହାନ୍ତି ଓ ସ୍ୱାଧୀନ ପ୍ରାର୍ଥୀ ପ୍ରଦୀପ ନାୟକଙ୍କ ସମେତ ୧୧ଟି ପ୍ରାର୍ଥୀପତ୍ର ଆଜି ସୁଦ୍ଧା ନେଇଥିବା ଜଣାପଡ଼ିଛି। ଆଜି ୫ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଦୁଇ ଜଣ ସାଂସଦ ପ୍ରାର୍ଥୀ ପାଇଁ ନାମାଙ୍କନପତ୍ର ନେଇଛନ୍ତି। ସ୍ୱାଧୀନ ପ୍ରାର୍ଥୀ ନରେଶ ହୀଆଁଲ ଓ ଅନ୍ୟ ଜଣେ ବହୁଜନ ମୁକ୍ତି ପାର୍ଟିର ଗଙ୍ଗାଧର ଜାଲ। ଭବାନୀପାଟଣା ଆସନ ଲାଗି ସ୍ୱାଧୀନ ପ୍ରାର୍ଥୀ ରୋହିତ ଦୁର୍ଗା ଓ ବହୁଜନ ମୁକ୍ତି ପାର୍ଟିର ମହିନ୍ଦ୍ର ଧଙ୍ଗଡାମାଝି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଲାଞ୍ଜିଗଡ଼ ଆସନ ପାଇଁ ବହୁଜନ ମୁକ୍ତି ପାର୍ଟି ପ୍ରାର୍ଥୀ ରୂପେ ସୁରେଶ ମାଝୀ ପ୍ରାର୍ଥୀପତ୍ର ଦାଖଲ କରିଥିବା ସୂଚନା ମିଳିଛି।

## ପ୍ରଚାର ମୈଦାନରେ କଂଗ୍ରେସ ପ୍ରାର୍ଥିନୀ ରଶ୍ମୀରେଖା

**କୋକସରା,୨୦।୪(ସମିସ):** ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥିନୀ ରଶ୍ମିରେଖା ରାଉତ ଶନିବାର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚିଲିଗୁଡାଠାରୁ ପ୍ରଚାର ଆରମ୍ଭ କରି କୋକସରା, ଗମ୍ଭାରୀଗୁଡା, ଟେମରା ଆଦି ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଭୋଟରଙ୍କ ନିକଟତର ହୋଇଛନ୍ତି। ପରିବର୍ତ୍ତନର ନାରା ଦେଇ ରଶ୍ମୀରେଖା ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଏହି ପ୍ରଚାର କାର୍ଯ୍ୟରେ କୋକସରା ବ୍ଲକ କଂଗ୍ରେସ ସଭାପତି ଲିଙ୍ଗରାଜ ବେହେରା, ତ୍ରିଭୁବ ନାଏକ, ନବୀନ ନାଏକ, ମହେନ୍ଦ୍ର ଧାରୁଆ, ମାଧୁରୀ ନିଆଲ, ଆମପାଣି ଜୋନ୍ ସଭାପତି ହରିଶ୍ଚନ୍ଦ୍ର ନାଏକ, କୋକସରା ଜୋନ୍ ସଭାପତି କମଲ ନାଏକ, ମୋଟେର ଜୋନ୍ ସଭାପତି ଜତିନ୍ଦ୍ର ଦଲେଇ, ନାରାୟଣ ଶର୍ମା, ପାର୍ଥ ଗୋପାଳଙ୍କ ସମେତ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ସିନାପାଲି ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ସିନାପାଲି, ୨୦।୪(ସମିସ):** ସିନାପାଲି ଥାନା ତରଫରୁ ଗଣ୍ଡାବାହାଲି ଓ ହାତିବନ୍ଧାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଖଡିଆଳ ଏସ୍‌ଡିପିଓ ଅରୁପ ଅଭିଶେକ ବେହେରାଙ୍କ ନେତୃତ୍ୱରେ ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନ, ଏସଆଇ ହରେକୃଷ୍ଣ ଜାନି, ବିନୋଦ ବିହାରୀ ସେଠି, ହସଦେବ ଯୋଶୀ, ମନୋଜ ସାହୁ, ଏଏସଆଇ ପ୍ରଭାକର ନାଏକ, ରାମେଶ୍ୱର ବାଗ, କେଶବ ମାଝି ଆଇଆରବି ଫୋର୍ସ ସହ ଏଥିରେ ସାମିଲ ହୋଇଥିଲେ।

# ମାଓବାଦୀଙ୍କ ଗଡ଼ରେ ରାଜେନ୍ଦ୍ରଙ୍କ ପ୍ରଚାର

● ସୁନାଦେଈଙ୍କ ପୀଠରେ ପୂଜାର୍ଚ୍ଚନା

● ପ୍ରତ୍ୟେକ ଆଦିବାସୀ ପରିବାର ପକ୍ଷରୁ ବନ୍ଦାପନା

**ନୂଆପଡ଼ା/କୋମନା, ୨୦।୪(ସମିସ):** ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ଜୋରଦାରେ ପ୍ରଚାର ଚଳାଇଛନ୍ତି। ଶନିବାର ମାଓବାଦୀଙ୍କ ଗଡ଼ କୁହାଯାଉଥିବା ସୁନାବେଡା ଅଭୟାରଣ୍ୟ ଭିତରେ ଆଦିବାସୀ ନେତାଙ୍କ ସହ ସେ ପ୍ରଚାର କରିଛନ୍ତି। ପୂର୍ବାହ୍ନ ୧୧ଟାବେଳେ ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ୭୦କିମି ଦୂର ଦୁର୍ଗମ ସୁନାବେଡା ଅଭୟାରଣ୍ୟ ଭିତରେ ପ୍ରବେଶ କରିଥିଲେ। ପ୍ରଥମେ ମାଁ ସୁନାଦେଈଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଅଭୟାରଣ୍ୟର ଗାତିବେଡା, ସାଲେପଡ଼ା, ଗୋଡଭଟା, ଅଡାର, ସୋସେଙ୍ଗ, ଦେଓସିଲ, ଧାକଲୀ, ରୁପିଆମ ଆଦି ଗାଁ ପରିକ୍ରମା କରି ଡବଲ ଶଙ୍ଖ ଅର୍ଥାତ ଗୋଟିଏ ଭୋଟ କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ଗୋଟିଏ ଭୋଟ୍ ତାଙ୍କୁ ଦେବାକୁ ନିବେଦନ କରିଥିଲେ।



ଏହି ଅବସରରେ ପ୍ରତ୍ୟେକ ଆଦିବାସୀ ପରିବାର ପକ୍ଷରୁ ତାଙ୍କୁ ବନ୍ଦାପନା କରାଯାଇଥିଲା। ପୂର୍ବତନ ସମିତି ସଭ୍ୟ କାଳିଆ ପ୍ରଧାନ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ସଭାପତି ଭଗତରାମ ମାଝୀ, କ୍ଷମାସିଂ ମାଝୀ, ସରପଞ୍ଚ ରଜନୀ ଜଗତ, ସୋସେଙ୍ଗ ସରପଞ୍ଚ ମେଘରାଜ ମାଝୀ, ସମିତି ସଭ୍ୟ ଅକବର ମାଝୀ, ବିଜେଡିର ମିଛାପାଲି ପଞ୍ଚାୟତ ସଭାପତି ଗୁଣଧର ମାଝୀ, ଗରୁଡ ମାଝୀ, କନକ ମାଝୀ, ଗଙ୍ଗା ମାଝୀ, ଶୋଭାରାମ ମାଝୀ, ବିଶ୍ୱମ୍ବର ମାଝୀ, ସନ୍ତୋଷ ବିଶ୍ୱାଳ, ସୁଶୀଲ ସୋନୀ, ଅରୁଣ ନାଏକ, ପୁଷ୍ପ ରଞ୍ଜନ ନାଗ, ରାଜକୁମାର ଭୋଇ, ମହାଦେବ ଦୀପ, ଜଗମୋହନ ମାଝୀ, ଯୁବରାଜ ଛତ୍ରିଆ, ବିଶ୍ରାମ ଛତ୍ରିଆ, ମହେନ୍ଦ୍ର ନିଆଲ ପ୍ରମୁଖ ସାମିଲ ହୋଇଥିଲେ।

## ବ୍ଲକ ପ୍ରଶାସନ ପକ୍ଷରୁ ଭୋଟର ସଚେତନତା ଶୋଭାଯାତ୍ରା

**କୋକସରା/ଲଡୁଗାଁ, ୨୦।୪(ସମିସ):** ଆସନ୍ତା ମେ ୧୩ ତାରିଖରେ କଳାହାଣ୍ଡି ଲୋକସଭା ଆସନ ସମେତ ୭ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ। ଏନେଇ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ କ୍ରମେ କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଭୋଟର୍ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସେହ୍ନପ୍ରଭା ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ କାର୍ଯ୍ୟାଳୟ ନିକଟରୁ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପ୍ଲାକାର୍ଡ଼ ଧରି ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଏବଂ ଆସନ୍ତା ୧୩ରେ ହେବାକୁ ଥିବା ଗଣତନ୍ତ୍ରର ମହାନ ପର୍ବରେ ନିଜକୁ ସାମିଲ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଶୋଭାଯାତ୍ରାରେ ଧର୍ମଗଡ଼ ଉପଜିଲ୍ଲାପାଳ ଧିମନ୍ ଚକମା, ତହସିଲଦାର ନବୀନ କିଶୋର ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।



## ନାମାଙ୍କନ ପତ୍ର ଦାଖଲ କଲେ ଘାସିରାମ ମାଝୀ

**ନୂଆପଡ଼ା, ୨୦।୪(ସମିସ):** ସରକାରୀ ଭାବେ ନିର୍ବାଚନ ସକାଶେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଶୁକ୍ରବାରଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି। ଶନିବାର ପ୍ରଥମ କରି କଂଗ୍ରେସ ଟିକଟ ତାଲିକାରୁ ବାଦ ପଡ଼ିଥିବା ଘାସିରାମ ମାଝୀ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ହଜାର ହଜାର ସମର୍ଥକଙ୍କ ସହ ସେ ବିଶାଳ ପଟୁଆରରେ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ପୂର୍ବାହ୍ନ ୧୧ଟାବେଳେ ଶ୍ରୀ ମାଝୀ ଗୋଣ୍ଡମାନଙ୍କ ପ୍ରତ୍ୟକ୍ଷ ଦେବୀ ବେଲଟୁକୁରୀର ଜଙ୍ଘାଦେଓଙ୍କ ପୂଜାର୍ଚ୍ଚନା ପରେ ଦୀର୍ଘ ୩୫କିମି ଶୋଭାଯାତ୍ରାରେ ବାହାରିଥିଲେ। ଖଡ଼ିଆଳରୋଡ୍ ସହର ଦେଇ ଶୋଭଯାତ୍ରା ଯାଇଥିଲା। ସେଠାରୁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ତରଫରୁ ୩ଶହରୁ ଅଧିକ ଚାରିଚକିଆ ଯାନ ସହ ହଜାର ହଜାର ବାଇକ୍ ଶୋଭାଯାତ୍ରାରେ ଆଦିବାସୀମାନେ ଦୀର୍ଘ ୧୦କିମି ଦୂର ଆସି ନୂଆପଡ଼ାରେ ପହଞ୍ଚିଥିଲେ। ଶେଷରେ ମାଝୀ ନିଜ ସମର୍ଥକଙ୍କ ସହ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ



● ଶୋଭାଯାତ୍ରାରେ ହଜାର ହଜାର ସମର୍ଥକ ସାମିଲ ହେଲେ

● ଶରତଙ୍କ କର୍ମୀ ସମ୍ମିଳନୀକୁ ମୁହଁ ମୋଡ଼ିଲେ ପୁରୁଖା କଂଗ୍ରେସ ନେତା ଓ କର୍ମୀ

ସମର୍ଥକ ଏବଂ ପ୍ରସ୍ତାବକ ଭାବେ ହୋମସିଂ ମାଝୀ, ସରୋଜିନୀ ମାଝୀ, ସୁଧୀର ମିଶ୍ର, ଅଲୋକ ଗୁରୁ, ହରି ମାଝୀ, ଅଜୟ ମାଝୀ, ସିଦନ ସାହୁ, କମଲେଶ ସିଂ ଠାକୁର, ଓକିଲ ପ୍ରଦୀପ ସାହୁ ପ୍ରମୁଖ ସାମିଲ ଥିଲେ। ଅନ୍ୟପକ୍ଷେ ଶୋଭାଯାତ୍ରାରେ ଆଦିବାସୀ କଲ୍ୟାଣ ସଂଘ ରାଜ୍ୟ ସଂଘ ସାଧାରଣ ସଂପାଦକ ଭାନୁପ୍ରତାପ ସିଂ ମାଝୀ, ସଭାପତି ବାଳକୃଷ୍ଣ ଶବର, ଅଖିଳ ଭାରତୀୟ ଗୋଣ୍ଡ ସମାଜର ଉପସଭାପତି ଖାମସିଂ ମାଝୀ, ଜିଲ୍ଲା ସାଧାରଣ ସଂପାଦକ ସୋମନାଥ ଶବର, ଭକ୍ତ ଚରଣ ଶବର ପ୍ରମୁଖ ସାମିଲ ଥିଲେ।

ତେବେ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ତରବୋଡରେ ଏକ କର୍ମୀ ସମ୍ମିଳନୀ କରିଥିଲେ; ହେଲେ ଏହି ବୈଠକକୁ ମୁହଁ ମୋଡି କଂଗ୍ରେସର ପୁରୁଖା ନେତାମାନେ ଘାସିରାମଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହା ଶରତଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି।

## ବେହେରାରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ବେହେରା, ୨୦।୪(ସମିସ):** ଆଗାମୀ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହିତ ପରିଚାଳନା କରିବା ପାଇଁ ଶନିବାର କଳାହାଣ୍ଡି ଜିଲ୍ଲା କୋକସରା ପୁଲିସ ପକ୍ଷରୁ ବେହେରା ଠାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରିଣୀ ରନିତା ପ୍ରଧାନଙ୍କ ନେତୃତ୍ୱରେ ସିଆରପିଏଫ ଯବାନ ଓ କୋକସରା ପୁଲିସ କର୍ମଚାରୀମାନେ ଫ୍ଲାଗ୍‌ମାର୍ଚ୍ଚରେ ଯାଇ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା, କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ନ ହେବା ଏବଂ ନିର୍ବାଚନ ଆଚରଣବିଧି ନିୟମ ଉଲ୍ଲଂଘନ ନ କରିବାକୁ ଜନସାଧାରଣଙ୍କୁ ସଚେତନ କରିଛନ୍ତି। ଏହି ଫ୍ଲାଗମାର୍ଚ୍ଚରେ କୋକସରା ଥାନା ଏସଆଇ ହେମନ୍ତ ପାତ୍ର, ଅନୀଲ ପାଢ଼ୀ, ଏଏସଆଇ ମମତା ଶବର, ଉଷା ହରିଜନ, ଦାମୋଦର ନାଏକ, ସନ୍ତୋଷ ନାୟକ, ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ଓ କନଷ୍ଟେବଲ ଓ ହୋମଗାର୍ଡମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଶୁକ୍ରବାର ଧର୍ମଗଡ଼ ପୁଲିସ ପକ୍ଷରୁ ପର୍ଲାଠାରେ ଫ୍ଲାଗମାର୍ଚ୍ଚ ପ୍ରଦର୍ଶିତ ହୋଇଯାଇଛି।



# ନିର୍ବାଚନରେ ଲାଗିବ ୧୭୦୦ରୁ ଊର୍ଦ୍ଧ୍ୱ ଗାଡ଼ି

**ପ୍ରତି ବୁଥ୍ ପାଇଁ ବ୍ୟବସ୍ଥା କରୁଛି ଜିଲ୍ଲା ପରିବହନ ବିଭାଗ**

**ଭବାନୀପାଟଣା, ୨୦।୪(ସମିସ)**

ସାଧାରଣ ନିର୍ବାଚନ ୨୦୨୪କୁ କିପରି ଭାବରେ ପରିଚାଳନା କରାଯିବ ସେନେଇ ପରିବହନ ବିଭାଗର ମଧ ଗୁରୁଦାୟିତ୍ୱ ରହିଛି। ମତଦାନ ପ୍ରକ୍ରିୟାକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ନିୟୋଜିତ ହେବାକୁ ଯାଉଥିବା ପୋଲିଂ ଅଧିକାରୀଙ୍କ ସମେତ ପୁଲିସ ପ୍ରଶାସନ ତଥା ସୁରକ୍ଷା ବାହିନୀ କିପରି ମତଦାନ କେନ୍ଦ୍ର ଗୁଡିକରେ ପହଞ୍ଚିବେ ସେଥିପାଇଁ ବ୍ୟାପକ ପ୍ରସ୍ତୁତିରେ ବ୍ୟସ୍ତ ପରିବହନ ବିଭାଗ। ନିର୍ବାଚନରେ ପରିବହନ ଜନିତ କାର୍ଯ୍ୟରେ କୌଣସି ଅବହେଳା ଯେମିତି ନ ରହିବ ସେଥିପ୍ରତି ପରିବହନ ବିଭାଗ ଦୃଢ ପଦକ୍ଷେପ



ନେଇଛି। ଜିଲ୍ଲାର ପ୍ରତ୍ୟେକ ବୁଥକୁ ପହଞ୍ଚିବାକୁ ହେଲେ ୧୭୦୦ରୁ ଊର୍ଦ୍ଧ୍ୱ ଗାଡିର ବ୍ୟବସ୍ଥା କରୁଛି ଜିଲ୍ଲା ପରିବହନ ବିଭାଗ। ତନ୍ମଧ୍ୟରୁ ୬୬୭ ବସ୍, ଚାରିଚକିଆ ଯାନ ୯୫୦ ଗୋଟି ଏବଂ ଅନ୍ୟାନ୍ୟ ଯାନବାହନ ଏହି ନିର୍ବାଚନ ପ୍ରକ୍ରିୟାରେ ନିୟୋଜିତ ହେବାର ଆକଳନ କରିଛି ବିଭାଗ। ଏଥିପାଇଁ ଜିଲ୍ଲା ପରିବହନ ବିଭାଗ ଗାଡି ଗୁଡିକର ଅଧିଗ୍ରହଣ କରିବା ନେଇ ବିହିତ ପଦକ୍ଷେପ ହାତକୁ ନେଇଛି। ଜିଲ୍ଲାରେ ଏତେ ସଂଖ୍ୟକ ଗାଡି ଉପଲବ୍ଧ ନ ଥିବାରୁ ସୀମାନ୍ତବର୍ତ୍ତୀ ଜିଲ୍ଲା ଗୁଡିକରୁ ଯାନବାହନ ଅଧିଗ୍ରହଣ ପାଇଁ ପ୍ରସ୍ତୁତି ଚଳାଇଛି। ସମ୍ବଲପୁରରୁ ୧୦୦, ଝାରସୁଗୁଡାରୁ ୮୫, କନ୍ଧମାଳରୁ ୧୪୦, ବରଗଡ଼ରୁ ୧୦୦ ଏବଂ ବଲାଙ୍ଗୀର ଜିଲ୍ଲାରୁ ୧୦୦ ଏବଂ ଅବଶିଷ୍ଟ ବସ୍ ନିଜ ଜିଲ୍ଲାରୁ ଲାଗି ପାରିବ ବୋଲି ସୂଚନା ରହିଛି। ନିର୍ବାଚନ ପରିଚାଳନା ପାଇଁ ଯେଉଁ ଯାନବାହନ ମାଲିକମାନେ ସହଯୋଗ ନ କରନ୍ତି ସେମାନଙ୍କ ବିରୋଧରେ ଜନପ୍ରତିନିଧି ନିୟମ ୧୯୫୧ ଧାରା ୧୬୦ ଅନୁସାରେ ଆଦେଶ ଉଲଙ୍ଘନକାରୀଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକ ପଡ଼ିଲେ ଜନପ୍ରତିନିଧିତ୍ୱ ଆଇନ୍ ୧୯୫୧ର ଧାରା ୧୬୭ ଧାରା ପ୍ରୟୋଗ କରି ଗାଡି ମାଲିକଙ୍କୁ ଗିରଫ କରିବା ସହିତ ଯାନବାହନ ଜବତ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ହସ୍ତଗତ ହୋଇଛି।

## ରକ୍ତଦାନ ଶିବିର, ୫୦ୟୁନିଟ୍ ରକ୍ତ ସଂଗ୍ରହ

**ବେହେରା, ୨୦।୪(ସମିସ):** ଧର୍ମଗଡ଼ ବ୍ଲକ ବେହେରା ଦନ୍ତେଶ୍ୱରୀ ଯୁବ ସଂଘ ଆନୁକୂଲ୍ୟରେ ବେହେରାଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲ୍ଲା ସଭାପତି ତଥା ଧର୍ମଗଡ଼ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ରକ୍ତ ଅଭାବରେ କିଏ କୌଣସି ପ୍ରକାରେ ମରଣ ମୁହଁରେ ନ ପଡୁ ସେଥିପ୍ରତି ଯୁବ ସମାଜ ଧ୍ୟାନ ଦେବା ଆବଶ୍ୟକ ବୋଲି ଗୁରୁତ୍ୱ ଦେଇଥିଲେ। ରକ୍ତ ଦାନ କରି ଅନ୍ୟର ଜୀବନ ରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ। ଦନ୍ତେଶ୍ୱରୀ ଯୁବ ସଂଘର ଏଭଳି ଉଦ୍ଦେଶ୍ୟ ପ୍ରଶଂସନୀୟ ଅଟେ ବୋଲି ଶ୍ରୀ ସିଂହଦେଓ କହିଥିଲେ। ଏହି ଶିବିରରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ବଳରାମ ପୁଝାରି, ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼, ସରପଞ୍ଚ କୁମୁଦିନୀ ଗଇନ୍ଥା, ସମିତି ସଭ୍ୟ କିଶୋର ନାଗ, କିଶୋର ଲାଲ ଅଗ୍ରୱାଲ, ପ୍ରଶାନ୍ତ ତିବାରି, ଗୌରଚନ୍ଦ୍ର



ବାଗ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ଼ଃ ମଳୟ କୁମାର ତାଣ୍ଡି, ପ୍ରଭାତ ତିବାରି ସହଯୋଗ କରିଥିବା ବେଳେ ଅନୁଷ୍ଠାନର ସଭାପତି କିରଣ କୁମାର ପାଣିଗ୍ରାହୀ, ସମ୍ପାଦକ ଗଗନ ନାଏକ ପରିଚାଳନା କରିଥିଲେ। ରକ୍ତଦାନ ଶିବିରରେ ଅଧ୍ୟାପକ ମୋହନ ଚରଣ ବିଶି ଉପସ୍ଥିତି ଥିବାବେଳେ ଓଡ଼ିଶା ରକ୍ତ କେନ୍ଦ୍ର ଧର୍ମଗଡ଼ ଏଲଟି ଗଜାନନ୍ଦ ବେହେରା, ନିଗମ ଗୋପାଳ, କୃତ୍ତିବାସ ଦଣ୍ଡସେନା ଓ ଡମ୍ବରୁଧର ମେହେର ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିର ମାଧମରେ ୫୦ରୁ ଊର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ରକ୍ତଦାତାଙ୍କୁ ଦନ୍ତେଶ୍ୱରୀ ଯୁବ ସଂଘ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଛି। ବିଶେଷ ଭାବେ ଏହି ଶିବିରରେ ମହିଳାମାନେ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ସଂଘର କର୍ମକର୍ତ୍ତା ଟଙ୍କଧର ନାଏକ, କ୍ଷୀରୋଦ ନାଏକ, ଜିତେନ୍ଦ୍ର ନାଏକ, ବିରେନ ନାଏକ ଓ ତନୁଜ ନାଏକ ପ୍ରମୁଖ ସହଯୋଗ କରିଥିଲେ।

